## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଖୁସୀ
ପରିବାରବର୍ଗ


ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified




### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877.D-64397

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

1BHK, 2BHK, 3BHK approved flats at Hitech Heaven near Godiapokhari Chowk, Bhubaneswar. 9040307584, 9778832554. D-10114

Plot for sale 5km. from Khordha town (Sai Sanatan Nagar), price-199/- p.sqft including registration, electricity. 9861793775, 9078013099. D-65258

ସୁନ୍ଦରପଦା Hitech ପାଖରେ 50ft. revenue ରାସ୍ତାଥାଇ 2500 sqft.ର ୩ଟି ଘରବାରି ପାଚେରି ପ୍ଲଟ ବିକ୍ରିହେବ sqft. 600/-. 9777236619. D-65309

Now Matrimonial ads. only on Wednesday & Sunday Book 1 Get 1 FREE




Three storied 7000 sqft. building with lift for office/ commercial purposes near Bhubaneswar Airport. 9958003695.D-58023




Herbal body massage, relaxed back joint pain treatment. Contact: 9437453813. D-64554

### ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା


(ଖୁସୀ)

**ଜ୍ୟୋସ୍ନାରାଣୀ ପଣ୍ଡା**
ରିଆ, ସିମୁଳିଆ, ବାଲେଶ୍ୱର

ଆଜି ତୋର ପବିତ୍ର ୫ମ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଭବିଷ୍ୟତ ଜୀବନ ସୁଖମୟ ଓ ସମୃଦ୍ଧିମୟ ହେଉ ବୋଲି ପ୍ରାର୍ଥନା କରିଛେଲୁ। ଶୁଭେଚ୍ଛା ସହ: ବାପା-ଅଣାକାର ପଣ୍ଡା, ମା-କଳ୍ପନା ପଣ୍ଡା, ଜେଜେ, ଜେଜେମା, ସାନଜେଜେ, ସାନଜେଜେମା, କକା, ପିଉସା, ପିଉସୀ, ମାମୁ, ମାଉସୀ, ଅଜା, ଆଈ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୦୧୧୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବି.ଟେକ୍‌ରେ ନାମଲେଖା ...

ଏଥିସହ ଚଳିତବର୍ଷ ଭୁବନେଶ୍ୱରସ୍ଥିତ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି)ରେ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ଜେଇଇ ମେନ୍ ର୍ୟାଙ୍କ୍‌ର ଆବଶ୍ୟକତା ରହିଛି। ଯେଉଁ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ଅଛନ୍ତି, ସେମାନେ ଏବେଠାରୁ ନିଜକୁ ପ୍ରସ୍ତୁତ କରିବାକୁ ଓଜେଇଇ ପକ୍ଷରୁ କୁହାଯାଇଛି। ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଏଥର ପରୀକ୍ଷା ପରିଚାଳନା କରିବ। ୨୦୧୯ରେ ଦୁଇଥର ଜେଇଇ ମେନ୍ ଅନୁଷ୍ଠିତ ହେବ। ସର୍ବଭାରତୀୟ ସ୍ତରରେ ହେବାକୁ ଥିବା ଏହି ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଆସନ୍ତା ଜାନୁୟାରୀ ୬ରୁ ୨୦ ମଧ୍ୟରେ ହେବ। ଏଥିପାଇଁ ନାମ ପଞ୍ଜୀକରଣ ଶେଷ ହୋଇଛି। ଗତ ସେପ୍ଟେମ୍ବର ୧ରୁ ୩୦ ତାରିଖ ମଧ୍ୟରେ ଓଡ଼ିଶାରୁ ୩୦ ହଜାରରୁ ଅଧିକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ସେହିପରି ଏପ୍ରିଲ ୬ରୁ ୨୦ ତାରିଖ ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଲାଗି ଫେବୃୟାରୀ ୮ରୁ ମାର୍ଚ୍ଚ ୭ ମଧ୍ୟରେ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିପାରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ନାମ ପଞ୍ଜୀକରଣ କରିପାରିନାହାନ୍ତି, ସେମାନେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ରହିପାରିବେ।

**ପ୍ରଥମ ପୃଷ୍ଠାରୁ...**

## ୧୪ହଜାର କୋଟି ଟଙ୍କା ....

ସାଢେ ୪ବର୍ଷ ଶାସନ କାଳରେ ବହୁ କେନ୍ଦ୍ରୀୟ ପ୍ରକଳ୍ପ ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଛି । ଆସନ୍ତା ୨୪ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏହାସହ ମୋଦି ସରକାରଙ୍କ ସମୟରେ ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ବିଶ୍ୱସ୍ତରୀୟ ଆଇଜରର ଶିଳାନ୍ୟାସ କରିବେ । ପେଟ୍ରୋଲିୟମ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ମାଧ୍ୟମରେ ପାରାଦୀପ-ହାଇଦ୍ରାବାଦ ମଧ୍ୟରେ ପାଇପ୍‌ଲାଇନ କାମର ମଧ୍ୟ ଶୁଭାରମ୍ଭ ହେବ । ୭୫.୩ କୋଟି ଟଙ୍କା ଖର୍ଚ୍ଚରେ ଭୁବନେଶ୍ୱରସ୍ଥିତ ଇଏସ୍‌ଆଇ ହସପିଟାଲକୁ ୧୦୦ଶଯ୍ୟା ବିଶିଷ୍ଟ କରାଯିବା ସହ ପୁରୁଣା ଏନଏଚ-୫ ତଥା ବର୍ତ୍ତମାନ ଏନଏଚ-୧୬ର ୬ଲେନ୍ ଓ କଟକ-ଅନୁଗୋଳ ରାସ୍ତାର ୪ ଲେନ୍ କାର୍ଯ୍ୟ ଆରମ୍ଭ କରାଯିବ । ଭୁବନେଶ୍ୱର ସ୍ଥିତ ଆଇଆଇଟି କ୍ୟାମ୍ପସରେ ଏହି ସମସ୍ତ କାର୍ଯ୍ୟର ଲୋକାର୍ପଣ ଓ ଶୁଭାରମ୍ଭ କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ପାଇଁ ଆସନ୍ତା ୨୪ ଏକ ଐତିହାସିକ ମୁହୂର୍ତ୍ତ ହେବାକୁ ଯାଉଛି । ୨୦୧୭ ଜୁଲାଇ ୨୦ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁର୍ଖାଜୀଙ୍କ ହାତରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବ । ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ପାଇଁ ପାଇକ ବିଦ୍ରୋହ ସ୍ମାରକୀ ମୁଦ୍ରା, ଡାକଟିକଟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଥିବା ପାଇକ ବିଦ୍ରୋହ ଗବେଷଣା ଚେୟାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯିବ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୫କୋଟି ଟଙ୍କାର କପର୍ସ ଫଣ୍ଡ ଯୋଗାଇ ଦିଆଯିବ । ଆଗାମୀ ପିଢି ପାଇଁ ୨ଶହ ବର୍ଷ ଇତିହାସର ଗବେଷଣା ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଲଳିତଗିରି ଭଳି ପ୍ରାଚୀନ କୀର୍ତ୍ତିରାଜିକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀ ଭାବେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ଏହାର ଉଦ୍‌ଘାଟନ କରିବେ। କେନ୍ଦ୍ର ସରକାରଙ୍କ ଏପରି କାମ ଓଡିଶାର ପର୍ଯ୍ୟଟନ, ମର୍ଯ୍ୟାଦା, ସ୍ୱାଭିମାନ ଓ ଅର୍ଥନୀତିରେ ନୂଆ ପରିଚୟ ସୃଷ୍ଟି କରିବ । ସେଥିପାଇଁ ଓଡିଶା ତରଫରୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସେ କୃତଜ୍ଞତା ପ୍ରକାଶ କରିବା ସହ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶିକ୍ଷା, ରାସ୍ତା, ପେଟ୍ରୋଲିୟମ, ଶ୍ରମ ଓ ସଂସ୍କୃତି ବିଭାଗର ବିଭିନ୍ନ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିବାକୁ ଯାଉଛନ୍ତି । ଏହାଦ୍ୱାରା ଦେଶର ଅର୍ଥନୀତି, ସଂସ୍କୃତି, ରୋଜଗାର, ପର୍ଯ୍ୟଟନ, ରାଜସ୍ୱ ଓ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ଧର୍ମେନ୍ଦ୍ର କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ରଙ୍କ ସହ ମହେଶ ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

ପଶ୍ଚିମ ଓଡ଼ିଶା ପରେ ଖୋର୍ଦ୍ଧାରେ ହେବାକୁ ଥିବା ସାଧାରଣସଭାରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ ଉପକୂଳ ଭୋଟ ଅକ୍ତିଆର କରିବାକୁ ପ୍ରୟାସ କରିବେ। ହେଲେ ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା ସଫଳ ହେବନାହିଁ । ରାଜ୍ୟବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଉଭୟ ବିଜେଡି ଏବଂ କଂଗ୍ରେସ ମତ ରଖିଛନ୍ତି। ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ବିଗତ ଦିନରେ ପ୍ରଧାନମନ୍ତ୍ରୀ ପଶ୍ଚିମ ଓଡ଼ିଶା ଆସିଥିଲେ। ହେଲେ ବିଜେପୁର ଉପନିର୍ବାଚନରେ ଭାଜପା ସେପରି ସଫଳତା ପାଇଲା ନାହିଁ। ସୋହେଲା ଗସ୍ତ ସମୟରେ ଚାଷୀଙ୍କ ଆୟ ଦୁଇଗୁଣା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ରଖିପାରିଲେ ନାହିଁ। ଏଥର ସେ ଉପକୂଳ ଭୋଟ ନେବାକୁ ଯେଉଁ ଚେଷ୍ଟା କରିବେ ବିଗତ ଦିନଗୁଡିକ ଭଳି ସେମିତି ବିଫଳ ହେବେ ଏବଂ ବିଜେଡି ଉପରେ ତା'ର କୌଣସି ପ୍ରଭାବ ପଡିବନାହିଁ ବୋଲି ସମୀର କହିଛନ୍ତି। କଂଗ୍ରେସ ନେତା ଶରତ ରାଉତ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଯାହା ପ୍ରତିଶ୍ରୁତି ଦେଇଥିଲେ ତାକୁ ପାଳନ କରିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ତାଙ୍କ ଓଡିଶା ଗସ୍ତ କାଳରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରନ୍ତୁ। କଳାଧନ ଜବତ କରି ପ୍ରତି ଗରିବଙ୍କ ଆକାଉଣ୍ଟକୁ ଯେଉଁ ୧୫ଲକ୍ଷ ଟଙ୍କା ପଠାଇବେ ବୋଲି ଯାହା କହିଥିଲେ ତାହା କରିକି ଦେଖାନ୍ତୁ। ନଚେତ୍ ରାଜ୍ୟବାସୀଙ୍କୁ ହାତ ଯୋଡି କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ କହିଛନ୍ତି। ତାଙ୍କର ଏହି ଗସ୍ତ କଂଗ୍ରେସ ଓ ଉପକୂଳରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଶରତ କହିଛନ୍ତି।

## ଆଇଆଇଟିର ଲୋକାର୍ପଣ କରିବେ ମୋଦି

ଜଟଣୀ,୨୦।୧୨(ଡି.ଏନ୍.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ଆଇଆଇଟିକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ଏହା ସହିତ ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ଆଇଜରର ଶିଳାନ୍ୟାସ କରିବେ। ଏ ନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର ଓ ଆଇଜରର ନିର୍ଦ୍ଦେଶକ ପ୍ରଫେସର କେଭିଆର୍ ଚାରୀ ସୂଚନା ଦେଇଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନେକ କେନ୍ଦ୍ରମନ୍ତ୍ରୀ ଓ ସ୍ଥାନୀୟ ଏମ୍‌ପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଆଇଆଇଟିର ଶିକ୍ଷାଦାନ ପ୍ରଥମେ ଖଡ଼ଗପୁର ଆଇଆଇଟି ପରିସରରେ ଅସ୍ଥାୟୀ କ୍ୟାମ୍ପସ୍‌ରୁ ୨୦୦୮ରୁ ଆରମ୍ଭ ହୋଇଥିଲା। ପରେ ୨୦୦୯ରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା। ୨୦୧୫ରେ ଜଟଣୀ ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ କେତେକ ବିଭାଗକୁ ନେଇ ପାଠପଢ଼ା ଆରମ୍ଭ ହୋଇଥିଲା। ଏହିପରି ପର୍ଯ୍ୟାୟକ୍ରମେ ସ୍ଥାୟୀ କ୍ୟାମ୍ପସ୍‌କୁ ସମସ୍ତ ବିଭାଗ ଓ ପ୍ରଶାସନିକ ବିଭାଗ ସ୍ଥାନାନ୍ତରିତ ହୋଇ ୨୦୧୮ ଜୁଲାଇରୁ ଏଠାରେ ସମ୍ପୂର୍ଣ୍ଣ ଭାବେ ଶିକ୍ଷାଦାନ ଓ ପ୍ରଶାସନିକ କାର୍ଯ୍ୟ ଆରମ୍ଭ ହୋଇଥିବା ନିର୍ଦ୍ଦେଶକ କହିଛନ୍ତି। ସେହିପରି ଦେଶର ସପ୍ତମ ଆଇଜରର ସ୍ଥାୟୀ କ୍ୟାମ୍ପସ୍ ବ୍ରହ୍ମପୁର ନିକଟବର୍ତ୍ତୀ ଲଉଡ଼ିଗାମଠାରେ ୨୦୦ ଏକର ପରିମିତ ଜମିରେ ପ୍ରତିଷ୍ଠା ହେବ। ୧୫୮୨.୭୮ କୋଟି ଟଙ୍କା ବ୍ୟୟରେ ୨୦୨୧ ଡିସେମ୍ବର ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ନେଇ ଲକ୍ଷ୍ୟ ରଖାଯାଇଥିବା ନିର୍ଦ୍ଦେଶକ ପ୍ରଫେସର ଚାରୀ କହିଥିଲେ।

## ଜରିମାନା ୪କୋଟିକୁ ବୃଦ୍ଧି

୩୦ରେ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଉକ୍ତ ସମୟରେ ସେସୁ ଉପରେ ୧ କୋଟି ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିଲା। ହେଲେ ଏହା ପର୍ଯ୍ୟାପ୍ତ ନ ଥିବା ଅନୁଭବ କରି ଏହି ରାଶିକୁ ୪ ଗୁଣା ବୃଦ୍ଧି କରିଛନ୍ତି ଏନ୍‌ଜିଟି।

ଉଲ୍ଲେଖଯୋଗ୍ୟ, ଢେଙ୍କାନାଳ ସଦର ବନଖଣ୍ଡ ଅଧୀନରେ କମଲାଙ୍ଗ ଗ୍ରାମ ନିକଟରେ ଅକ୍ଟୋବର ୨୬ରେ କମ୍ ଉଚ୍ଚତାରେ ଝୁଲି ରହିଥିବା ଉଚ୍ଚଶକ୍ତିସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଶାବକ ସହ ୫ ମାଈ, ଗୋଟିଏ ଅଣ୍ଡିରା ହାତୀ ପ୍ରାଣ ହରାଇଥିଲେ। ଏକକାଳୀନ ୭ହାତୀଙ୍କ ମୃତ୍ୟୁ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଘଟଣାରେ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଥିଲେ ପ୍ରାଣୀପ୍ରେମୀ। ଏଥିଲାଗି ସେମାନେ ବିଦ୍ୟୁତ୍ ଓ ଜଙ୍ଗଲ ବିଭାଗର ଅବହେଳାକୁ ଦାୟୀ କରିବାସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଚାଇଁପାଳ ଡିଭିଜନ୍ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ସହକାରୀଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, ସେସୁ ଲାଇନ ମ୍ୟାନ୍ ଫିରୋଜ ପଣ୍ଡା, ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ, ମେରାମଣ୍ଡଳୀ ସେକ୍ସନ ଫରେଷ୍ଟର ପ୍ରଭାକର ରଣା ଏବଂ ମେରାମଣ୍ଡଳୀ ବିଟ୍ ଫରେଷ୍ଟ ଗାର୍ଡ ଗିରିଶ ଚନ୍ଦ୍ର ଦେହୁରୀଙ୍କୁ ନିଲମ୍ବିତ କରାଯାଇଥିଲା। ନଭେମ୍ବର ୩ରେ ସଞ୍ଜୟ, ପ୍ରଭାକର, ଗିରୀଶଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା। ପରେ ସେମାନଙ୍କୁ ମିଳିଥିଲା ସର୍ତ୍ତମୂଳକ ଜାମିନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ମଧ୍ୟାହ୍ନରେ ଘର ଅପେକ୍ଷା ବାହାର ଲୋମାନଙ୍କ ସକାଶେ ବିଶେଷ ସମୟ ଦେଇପାରନ୍ତି। କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯିବାର ଆଶଙ୍କା ରହିଛି। ଧାତୁ, ଅଳଙ୍କାରାଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ କିଣି ପାରନ୍ତି।

**ବୃଷ** ଉଦ୍ଦମନ ନେଇ କାମ କରିବେ ଏବଂ ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହଯୋଗ ମଧ୍ୟ ପାଇବେ। କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡି, ସଭା ସମିତିରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ବ୍ୟବସାୟ, ପରିବହନ, ମାଲି ମକଦ୍ଦମାରେ ସଫଳତା ହାସଲ କରିବେ। ପ୍ରତ୍ୟେକ କଥାକୁ ଭଲରୂପେ ବୁଝି, ବିଚାରି କାମରେ ହାତ ଦିଅନ୍ତୁ।

**ମିଥୁନ** କର୍ମକ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ। ପାରିବାରିକ ସମସ୍ୟାର ସମାଧାନ ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମ୍ଭବ ହେବ।

**କର୍କଟ** ବନ୍ଧୁମେଳରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେଇ ପାରିବେ। ଟଙ୍କା ପଇସା ଦେଣ ନେଣ କ୍ଷେତ୍ରରେ ସତର୍କ ନ ରହିଲେ ପରେ ଅନୁତାପ କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡି ପ୍ରଭୃତିରେ କିଛିଟା ସମସ୍ୟା ଦେଖାଦେବ। ସହକର୍ମୀଙ୍କ ନିକଟରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ।

**ସିଂହ** ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ସାମୟିକ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। ଅପରାହ୍ନେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କଳା, ସାହିତ୍ୟ, ପରିବହନ, ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶା ଅନୁଯାୟୀ ଫଳ ପାଇବେ।

**କନ୍ୟା** ଆଜିର ସବୁ କାମ ବହୁତ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ମନଟା ଭଲ ରହିବ ନାହିଁ। ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ପୂର୍ବ ପରି ବଳବତ୍ତର ରହିବ। ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଶାରୀରିକ ଓ ମାନସିକ ସ୍ଥିତି ବହୁତ ଭଲ ରହିଲେ ମଧ୍ୟ ଧନହାନି ମନସ୍ତାପର କାରଣ ହୋଇପାରେ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ସାକ୍ଷାତକାର, ଆନୁଷ୍ଠାନିକ ଆଲୋଚନା, ପ୍ରଭୃତିରେ ସଫଳତା ପାଇପାରିବେ। ଆନୁଷ୍ଠାନିକ କାମ, ରାଜନୈତିକ ସଙ୍ଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରଶାସନ, କୃଷି, ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**ବିଛା** ଟିକିଏ ଟିକିଏ କଥାରେ ଅଯଥା ଭାବପ୍ରବଣ ହେଲେ ନିଜ ପାଇଁ ତାହା କ୍ଷତିର କାରଣ ପାଲଟି ଯିବ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରେ ସମାଧାନ ମଧ୍ୟ ହୋଇଯିବ। ପାରିବାରିକ ଜୀବନରେ ଉତ୍ତମ ବୁଝାମଣାଜନିତ ସୁଖସନ୍ତୋଷ ପାଇପାରିବେ।

**ଧନୁ** ଗତକାଲି ଠାରୁ ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ ନଚେତ୍ ପରକ୍ଷଣରେ ପରିସ୍ଥିତି ବଦଳି ଯାଇପାରେ। ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର** ପରିସ୍ଥିତିକୁ ଦେଖି କାମ କରିଚାଲିଲେ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** କର୍ମକ୍ଷେତ୍ରର ବିବଦମାନ ସ୍ଥିତି ବନ୍ଧୁଙ୍କ ସହାୟତାରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ସକାଳୁ ସକାଳୁ ମାଙ୍ଗଳିକ କାମ ସକାଶେ ଖିଆପିଆ ଛାଡ଼ି ବୁଲିବେ। ଆବଶ୍ୟକତା ପୂରଣ କ୍ଷେତ୍ରରେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମୀନ** ଯାତ୍ରା କାଳରେ କିମ୍ବା କର୍ମକ୍ଷେତ୍ରରେ ଅସାବଧାନତାବଶତଃ ଧନ ହାନି କିମ୍ବା ଆଘାତପ୍ରାପ୍ତ ହୋଇପାରନ୍ତି। ପରିବାର, ପରିବହନ, ଗୃହ ନିର୍ମାଣ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରିଆସିବ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ନିଜ ବଂଶର ଲୋକଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳପକ୍ଷର ପାଷାଣ ଚତୁର୍ଦ୍ଦଶୀ ଶୁକ୍ରବାର, ଡିସେମ୍ବର ୨୧ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଚତୁର୍ଦ୍ଦଶୀର ଉପବାସ ଓ ବେଢା ପରିକ୍ରମା, ବିଛା ରାଶିର ଘାତ ଚନ୍ଦ୍ର, ଦିବା ଘ୭।୪୦ମି. ମଧ୍ୟେ. ଘ୩।୪୬ମି. ଗତେ, ଘ୫।୦୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୪୦ମି. ଗତେ ଘ୯।୦୧ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୨୩ମି. ଗତେ ଘ୧୧।୪୫ମି. ମଧ୍ୟେ ରାହୁ କାଳ।

ଡାହାଣୀ ସନ୍ଦେହରେ ହତ୍ୟା ମାମଲା

## ଦୋଷୀଙ୍କୁ ଆଜୀବନ ଜେଲ

ଚମ୍ପୁଆ, ୨୦।୧୨(ଡି.ଏନ.ଏ.)

ଡାହାଣୀ ସନ୍ଦେହରେ ଜଣେ ଆଦିବାସୀ ମହିଳାଙ୍କୁ ହତ୍ୟା ମାମଲାର ଗୁରୁବାର ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ବିଚାରକରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୭ ହଜାର ଟଙ୍କା ଜରିମାନା କରିଛନ୍ତି। ଅପରାଧୀ ଜଣଙ୍କ ହେଲେ ରୟା ମୁଣ୍ଡା। ୧୭।୦୧।୨୦୧୬ରେ ବାମେବାରୀ ଥାନା ମାଲଦା ଗ୍ରାମରେ ଡାହାଣୀ ସନ୍ଦେହରେ ଆଦିବାସୀ ମହିଳା ଶନିବାରୀ ମୁଣ୍ଡାଙ୍କୁ ଏକ ଧାରୁଆ କୁରାଢ଼ି ସାହାଯ୍ୟରେ ରୟା ହତ୍ୟା କରିଥିଲେ। ନିଜ ସନ୍ତାନଙ୍କୁ ଗୁଣି କରି ଶନିବାରୀ ମାରି ଦେଇଥିବା ସନ୍ଦେହ କରିଥିଲେ। ମୃତ ଶନିବାରୀଙ୍କ ନାତି ଥାନାରେ ଏତଲା ଦେଇଥିଲେ। ଏ ନେଇ ଏକ ମାମଲା (ନଂ.୧୯/୧୬) ରୁଜୁ ହୋଇଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାରକରି ଅତିରିକ୍ତ ଜିଲା ଦୌରାଜଜ୍ ଡ. ସାମଲ ଏହି ଦଣ୍ଡାଦେଶ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ମଧୁସୂଦନ ପତି, ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବିଷ୍ଣୁଚରଣ ରାଠର ଉକ୍ତ ମାମଲାର ପରିଚାଳନା କରୁଥିଲେ।

## ଶ୍ରମିକ ନେତା ବନମାଳୀ ଦାସଙ୍କ ପରଲୋକ

ଚୌଦ୍ୱାର, ୨୦।୧୨(ଡି.ଏନ୍.ଏ.)



ବରିଷ୍ଠ ଶ୍ରମିକ ନେତା ବନମାଳୀ ଦାସ(୯୦)ଙ୍କ ଗୁରୁବାର ସକାଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଓଟିଏମ୍ କଲୋନୀସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଗତ କିଛିଦିନ ହେବ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୧୯୨୮ ମାର୍ଚ୍ଚ ୧୮ ତାରିଖରେ ବାଲେଶ୍ୱର ଜିଲା ଡ଼ଗରପଡାରେ ଜନ୍ମଗ୍ରହଣ କରିଥିବା ବନମାଳୀ ୧୯୫୭ ମସିହାରେ ଚୌଦ୍ୱାରକୁ ନିଜର କର୍ମଭୂମି ଭାବେ ବାଛି ନେଇଥିଲେ। ୧୯୬୨ ମସିହାରେ ଓଡିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍)ର ଶ୍ରମିକ ନେତା ଭାବେ ଚୌଦ୍ୱାର ଅଞ୍ଚଳରେ ପରିଚିତ ହୋଇଥିଲେ। ସେ ଶ୍ରମିକମାନଙ୍କର ବହୁ ସମସ୍ୟାର ସମାଧାନ କରିଥିଲେ । ସେ ଏକାଧାରରେ ଜଣେ ସାମ୍ୟବାଦୀ ଚିନ୍ତାଧାରା ବିଶ୍ୱାସୀ, ଶ୍ରମିକ ସଙ୍ଗଠନ ସଭାପତି, ଗୋପବନ୍ଧୁ ହାଇସ୍କୁଲ, ଉତ୍କଳ ସଙ୍ଗୀତ ଭାରତୀ ବିଦ୍ୟାଳୟର ପ୍ରତିଷ୍ଠାତା, ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ଭାବେ ୩୦ ବର୍ଷ ଧରି ଦାୟିତ୍ୱ ତୁଲାଇଥିଲେ ।

ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରାଯାଇ ଚୌଦ୍ୱାର ସ୍ଥିତ ବଧି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ସତ୍ୟଜିତ ମୁଖାଗ୍ନି ଦେଇଥିଲେ।

ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏକ ଶୋକବାର୍ତ୍ତାରେ କହିଛନ୍ତି, ଶ୍ରମ ଆଇନ ସଂକ୍ରାନ୍ତରେ ବନମାଳୀ ବାବୁଙ୍କ ବହୁତ ଜ୍ଞାନ ଥିଲା। ତାଙ୍କ ଠାରୁ ମୁଁ ଅନେକ କିଛି ଶିକ୍ଷାଲାଭ କରିଛି । ତାଙ୍କ ବିୟୋଗରେ କେବଳ ଚୌଦ୍ୱାର ନୁହେଁ ଓଡିଶା ଶ୍ରମ ଜଗତ ଏକ ଲଢୁଆ ସୈନିକକୁ ହରାଇଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ,ବନମାଳୀ ଦାସ ଧରିତ୍ରୀର ସହ ସମ୍ପାଦିକା ସୁନୀତା ଦାସଙ୍କ ବାପା ଅଟନ୍ତି।

## ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ଅପରାହ୍ନ ୪.୩୦ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡିଛି। ଚାଷୀମାନଙ୍କ ସମସ୍ୟା ମୁଖ୍ୟତଃ ରାଜ୍ୟ ସରକାରଙ୍କ ପାଇଁ ଅସୁବିଧା ସୃଷ୍ଟି କରିଛି। ସେଥିପାଇଁ ଚାଷୀମାନଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏକ ବଡ ଧରଣର ନିଷ୍ପତ୍ତି ନିଆଯାଇଛି। ଏହା କ୍ୟାବିନେଟରେ ମଞ୍ଜୁରି ମିଳିବ ବୋଲି ସୂତ୍ରରୁ ଜଣାପଡିଛି।

## ୩୨ ଏକର ଗଞ୍ଜେଇ ଚାଷ ପୋଡ଼ାଗଲା

ଲମତାପୁଟ/କୋରାପୁଟ, ୨୦।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

କୋରାପୁଟ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର କୋରାପୁଟ ଅବକାରୀ ବିଭାଗ ଓ ଡିଭିଏଫ୍, ବନ ବିଭାଗ ମିଳିତ ଭାବେ ଗଞ୍ଜେଇ ଚାଷ ହୋଇଥିବା ଅଞ୍ଚଳରେ ଚଢ଼ାଉ କରିଛି। ଆନ୍ଧ୍ର ସୀମାନ୍ତରେ କରାଯାଇଥିବା ୩୨ ଏକର ଜମିରେ ଗଞ୍ଜେଇ ନଷ୍ଟ କରାଯାଇଥିଲା, ଯାହାର ମୂଲ୍ୟ ପ୍ରାୟ ୩ କୋଟି ୨୦ ଲକ୍ଷ ଟଙ୍କା ହେବ।

## ମନେ ପଡ଼ନ୍ତି

**ଓଁ ସାଇରାମ୍**



**ସ୍ୱର୍ଗତ ହୃଦାନନ୍ଦ ମହାପାତ୍ର**

ଆବିର୍ଭାବ: ୪।୧୨।୧୯୨୭
ତିରୋଧାନ: ୧୦।୧୨।୨୦୦୦
(ଚତୁର୍ଦ୍ଦଶୀ)
ସାଇରାମ୍‌ଙ୍କ ପାଦପଦ୍ମରେ ରହି ଆମମାନଙ୍କୁ ସଦା ଆଶୀର୍ବାଦ କରୁଥାଅ।
ବୁଲୀ, କିଶୋର, ପୁଷ୍ପ, ରୀନା, ସରୋଜ, ବାପୁ, ଲୀଟୁ, ବାବାଲୀ ଓ ରୁଶାଲୀ।
୧୭, ଗୌତମନଗର, ଭୁବନେଶ୍ୱର
ଧ-୧୦୦୮୬

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ସୁରେନ୍ଦ୍ରନାଥ ମିଶ୍ର**

ସ୍ୱର୍ଗାରୋହଣ: ତା୧୨।୧୨।୨୦୧୮
ଦଶାହ: ତା ୨୧।୧୨।୨୦୧୮
ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରାନ୍ତୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୧୦୧୨୯

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର**

ଆବିର୍ଭାବ: ୨୩।୦୯।୧୯୫୩
ତିରୋଧାନ: ୧୨।୧୨।୨୦୧୬
ରୂପଦେଇପୁର, ପୁରୀ
ତୁମର ଅମର ଆତ୍ମାର ସଦ୍‌ଗତି ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏହା ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ-ବିନୋଦିନୀ, ପୁଅ- ଗତିକୃଷ୍ଣ, ଦ୍ୟୁତିକୃଷ୍ଣ, ବୋହୂ-ଅଞ୍ଜନା, ନାତୁଣୀ-ଆଭା।
ଧ-୬୫୪୦୮

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨୧ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ବସ୍ତା, ମଥାନୀରେ ଖୋଲିଲା ଧାନମଣ୍ଡି

ବସ୍ତା, ୨୦ା୧୨(ସ୍ୱ.ପ୍ର): ବସ୍ତା ସେବା ସମବାୟ ସମିତିରେ ବୁଧବାର ନୂତନ ଧାନମଣ୍ଡି ସଭାପତି ମନୋଜକୁମାର ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଉତ୍ସବରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବସ୍ତାଶାଖା ପରିଚାଳକ ଅରୁଣ କୁମାର ମାଇତି, ଆରଏମସିର ଗୋବିନ୍ଦ ଜୀ, ସରପଞ୍ଚ ଅନୀଲକୁମାର ମହାନ୍ତି, ସମିତିସଭ୍ୟ ଅକ୍ଷୟ କୁମାର ବେହେରା, ରବୀନ୍ଦ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏତଦବ୍ୟତୀତ ସମିତିର ସମସ୍ତ ନିର୍ଦ୍ଦେଶକ, ଚାଷୀକମିଟି ସଦସ୍ୟ ଉପସ୍ଥିତ ଥିଲେ। ଏହି ବ୍ଲକର ମଥାନୀ ସେବା ସମବାୟ ସମିତି ସଭାପତି ତ୍ରିଲୋଚନ ବେହେରା ଧାନମଣ୍ଡି ଉଦ୍‌ଘାଟନ କରିଥିବା ବେଳେ ଏଥିରେ ପରିଚାଳନା କମିଟି ସଦସ୍ୟ କିଶୋରକୁମାର ପାଳ, ଅନିରୁଦ୍ଧ ଆଇଚ, ଗୋପାଳ ଦାସ, ଦୀନବନ୍ଧୁ ବିଶୁ ପ୍ରମୁଖ ଯୋଗ ଦେଇଥିଲେ। ପାଣିପାଗର ପ୍ରତିକୂଳପରିସ୍ଥିତି ଯୋଗୁଁ ୨୧ତାରିଖ ଠାରୁ ଧାନ କିଣିବାର ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରାଯାଇଛି।

### ■ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ

# ମିଳୁନି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ

■ ପ୍ରତିଶ୍ରୁତି ପୂରଣ କରୁନାହାନ୍ତି ସରକାର
■ ବିକ୍ଷୋଭ, କୁଶ ପୁତ୍ତଳିକା ଦାହ

ବାଲେଶ୍ୱର ଅଫିସ,୨୦ା୧୨

ବାଲେଶ୍ୱର କୃଷକ ମୋର୍ଚ୍ଚା ତରଫରୁ ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ବିଳମ୍ବରେ ଧାନମଣ୍ଡି ଖୋଲିବା ପ୍ରତିବାଦରେ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ୍ ଘେରାଉ କରାଯାଇଥିଲା। ଦିନକୁ ଦିନ କୃଷକମାନଙ୍କ ସମସ୍ୟା ଜଟିଳ ହେବା ସହ ଜିଲାର କୃଷକଙ୍କର ଆର୍ଥିକ ସ୍ଥିତି ଶୋଚନୀୟ ହେଉଛି। ୧୯ ବର୍ଷର ଶାସନରେ ରାଜ୍ୟ ସରକାର ସମାଧାନର ସୂତ୍ର ବାହାର କରିବା ପରିବର୍ତ୍ତେ ନାଟକବାଜି ଆରମ୍ଭ କରିଛନ୍ତି ବୋଲି ଭାଜପା କୃଷକ ମୋର୍ଚ୍ଚା ଦଳ ପକ୍ଷରୁ କୁହାଯାଇଛି। ଚାଷ ହେଉଛି ଚାଷୀର ମୂଳ ସମ୍ବଳ। ଚାଷୀ ଧାନ ଅମଳ କରିବାକୁ ବସିଥିବା ବେଳେ କେଉଁଠି ମଣ୍ଡି ନାହିଁ। ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଶାସକ ଦଳ ଓ ଅସାଧୁ ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ଚାଷୀ ତାର ହକ୍ ପାଇବାରୁ ବଞ୍ଚିତ ହେଉଥିବା ଜିଲା କୃଷକ ମୋର୍ଚ୍ଚା ସଭାପତି ମହେନ୍ଦ୍ର ଦାସ ମତପ୍ରକାଶ କରିଛନ୍ତି।


କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

କୃଷକମାନଙ୍କ ପାଇଁ ରାଜ୍ୟ ସରକାର ନେଇଥିବା ପ୍ରତିଶ୍ରୁତି ବିଶେଷ ଭାବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବୋନସ୍ ପ୍ରଦାନ ନ କରିବାରୁ ରାଜ୍ୟ ବିଜେଡିର କୃଷକ ବିରୋଧି ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟର ୧୦୦ ଟଙ୍କା ବୋନସ୍ ନେବା ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା କେବଳ ଘୋଷଣାରେ ହଜିଯାଇଛି। କେନ୍ଦ୍ର ସରକାର ଧାନର ଉତ୍ପାଦନ ମୂଲ୍ୟର ଦେଢ଼ଗୁଣ ମୂଲ୍ୟ କରି ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ହିସାବରେ ଯୋଗାଇ ଦେଇଛନ୍ତି। ସରକାର ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକା ଫଳରେ ଚାଷୀ ବାଧ୍ୟ ହୋଇ ତାର କଷ୍ଟାର୍ଜିତ ଧାନକୁ ୧୦୦୦ରୁ ୧୨୦୦ ଟଙ୍କାରେ ବିକ୍ରି କରୁଛି। ଯୋଗାଣ ବିଭାଗ ଚାଷୀ ସ୍ୱାର୍ଥ କଥା କହି ଚାଷୀକୁ ଶୋଷଣ କରୁଛି। କୃଷି ମିଶନ ୨୦୧୨ରେ ତିଆରି ହେବା ସତ୍ତ୍ୱେ କୃଷକ କଲ୍ୟାଣ ରିପୋର୍ଟ ଆଜି ପର୍ଯ୍ୟନ୍ତ ସରକାର ସାର୍ବଜନୀନ କରିନାହାନ୍ତି। ଜିଲାରେ ଶୀତଳ ଭଣ୍ଡାର ନ ରହିବା ଫଳରେ ଲୋକଙ୍କୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାଷୀମାନଙ୍କ ସମସ୍ୟା ପ୍ରତିବାଦରେ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ତୁରନ୍ତ ରାଜ୍ୟ ସରକାର କୃଷିଋଣ ଛାଡ଼ କରନ୍ତୁ ବୋଲି କେନ୍ଦ୍ରୀୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହୁ ଦାବି କରିଛନ୍ତି। ଭାଜପା ଜିଲା ସଭାପତି ମଦନ ମୋହନ ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଶୁଭଙ୍କର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶଙ୍କର୍ଷଣ ଜେନା, ମିହିର ପାଣି, ଶୋଭନା ମହାନ୍ତି, ସୂର୍ଯ୍ୟ ନାରାୟଣ ସାହୁ, ମାନସ ମହାନ୍ତି, ସତ୍ୟବ୍ରତ ଜେନା ପ୍ରମୁଖ ବିକ୍ଷୋଭରେ ଯୋଗ ଦେଇଥିଲେ।


ପୁସ୍ତକ 'ବାପା' ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଉଛି।

### ■ କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦର ଶୀତ କବିତା ଆସର

# ଲମ୍ବୋଦର ନନ୍ଦଙ୍କ 'ବାପା' ଉନ୍ମୋଚିତ

ଖଇରା,୨୦ା୧୨(ଡି.ଏନ.ଏ.)

ଖଇରା ବ୍ଲକ୍‌ର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦର ଶୀତ କବିତା ଆସର ଗଣ୍ଡିବେଡ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ସୁଦାମ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଆସରରେ ଖୁଣ୍ଟା ବ୍ଲକର ଅବସର ପ୍ରାପ୍ତ ବିଡିଓ ଚୈତନ୍ୟ ପ୍ରସାଦ ବାରିକ, ମହେଶ୍ୱର ପଣ୍ଡା, ଜଗତାନନ୍ଦ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ପ୍ରାନ୍ତରୁ କବି ଓ କବୟିତ୍ରୀ ମାନେ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିବାବେଳେ ସୁଚିସ୍ମିତା ବେହେରା କବିତା ସଂଯୋଜନା ଓ ମୁକ୍ତିକାନ୍ତ ମିଶ୍ର କବିତା ଗୁଡିକ ସମୀକ୍ଷା କରିଥିଲେ। ମହେନ୍ଦ୍ର ପ୍ରସାଦ ବାରିକ ପ୍ରାରମ୍ଭିକ ସୂଚନା, ନିରଞ୍ଜନ ପ୍ରସାଦ ବାରିକ ଅତିଥି ପରିଚୟ, କୁନ୍ତଳା କୁମାରୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଲମ୍ବୋଦର ନନ୍ଦ ବିବରଣୀ ପାଠ କରିଥିଲେ। ଶିଶୁ କବି ଲମ୍ବୋଦର ନନ୍ଦଙ୍କ କବିତା ସଂକଳନ ''ବାପା'' ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶେଷରେ ସାହିତ୍ୟ ସଂସଦର କୁନ୍ତଳା ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କବୟତ୍ରୀ କବି ସରସ୍ୱତୀ ପରିଡା, ପ୍ରତିବର୍ଣ୍ଣା କୁଅଁ, ମହେଶ୍ୱର ପଟ୍ଟନାୟକ, ଲୋଚନ ବେହେରା, ଶଙ୍କର୍ଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅପହୃତ ନାବାଳିକା ଉଦ୍ଧାର

ବାଲିଆପାଳ,୨୦ା୧୨(ଡି.ଏନ.ଏ.)

ମାମୁଁ ଘରେ ରହି କଲେଜରେ ପାଠ ପଢୁଥିବା ଜଣେ ନାବାଳିକା ଅପହରଣର ସପ୍ତାହ ପରେ ଉଦ୍ଧାର ହୋଇଛି। ବାଲିଆପାଳ ପୋଲିସ ବସ୍ତା ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗତ ୧୩ତାରିଖରେ ନାବାଳିକାଜଣକ କଲେଜ ଯାଇ ଆଉ ଫେରି ନ ଥିଲେ। ଏ ନେଇ ବାଲିଆପାଳ ଥାନାରେ ଏକ ମାମଲା (ନଂ.୩୨୭/୧୮) ରୁଜୁ ହୋଇଥିଲା। ଗୁରୁବାର ବାଲିଆପାଳ ପୋଲିସ ଖବର ପାଇ ବସ୍ତା ଥାନା ରାଇସୁଆଁ ଗ୍ରାମର ଦିବାକର ସ୍ୱାଇଁଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ଅପହରଣ କରିନେଇଥିବା ଇଢ଼ଦା ଗ୍ରାମର ଜୟଚନ୍ଦ୍ର ଦାସ (୨୫)ଙ୍କୁ ପୋଲିସ ଗିରଫ କରିଛି। ଶୁକ୍ରବାର ଉଭୟଙ୍କର ଡାକ୍ତରୀ ମାଇନା କରାଯାଇ ଅଭିଯୁକ୍ତ ଜୟଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ କହିଛନ୍ତି।

## ୧୪୫ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଲେ

ସିମୁଳିଆ,୨୦ା୧୨(ଡି.ଏନ.ଏ.)

ଭିନ୍ନକ୍ଷମ ଶିଶୁମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଉଦ୍ଦେଶ୍ୟରେ ବୁଧବାର ଦିବସବ୍ୟାପୀ ମାର୍କୋଣା ରଘୁନାରାୟଣ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଶିଶୁ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସମ୍ବଳ ସଂଯୋଜକ ବିଶ୍ୱମ୍ବର ପଣ୍ଡା ଓ ରମାକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକର ବିଭିନ୍ନ ୧୬ଟି କ୍ଲଷ୍ଟରରୁ ୧୪୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଜୁନିୟର ଓ ସିନିୟର ବିଭାଗରେ ଆଳୁ ଦୌଡ଼, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ମ୍ୟୁଜିକ୍ ଚେୟାର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ମୋଟ ୧୮ଜଣ କୃତୀଙ୍କୁ ପୁରସ୍କୃତ କରାଯିବା ସହିତ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବର ଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ୨ ସମବାୟ ସମିତିର ବାର୍ଷିକ ଉତ୍ସବ

ସଜନାଗଡ଼,୨୦ା୧୨(ଡି.ଏନ.ଏ.)

ନୀଳଗିରି ଥାନା ଅନ୍ତର୍ଗତ ନୀଳଗିରି ଓ ଗୋପୀନାଥପୁର ସେବା ସମବାୟ ସମିତି ପକ୍ଷରୁ ପୃଥକ୍ ପୃଥକ୍ ଦୁଇଟି ସ୍ଥାନରେ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଗୋପୀନାଥପୁର ସୋସାଇଟିର ବାର୍ଷିକ ଉତ୍ସବ ନୀଳଗିରି ଜେଲ୍ ରୋଡ଼ରେ ଥିବା ଏନ୍‌ଏସି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସମିତିର ସ୍ଥାୟୀ ସଭାପତି ରାଧାଗୋବିନ୍ଦ ଖଟୁଆ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ନୀଳଗିରି କୋପରେଟିଭ ସୋସାଇଟିର ପରିଚାଳକ ଖଗେନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ସମିତିର ସମ୍ପାଦକ ପ୍ରଦୀପ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଋଣ ଆଦାୟ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ସୂଚନା ଦେଇଥିଲେ। ସମିତି ପକ୍ଷରୁ ଚାଷୀଙ୍କୁ ୬କୋଟି ୩୧ଲକ୍ଷ ୫ଶହ ଋଣ୍ ଦିଆଯାଇଛି। ସମ୍ପାଦକ ପ୍ରଦୀପ୍ତ ମହାପାତ୍ର ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଧର ଖଟୁଆ, ଶାନ୍ତିଲତା ଖଟୁଆ, ବିନୋଦ ପଣ୍ଡା, ରମେଶ ପରିଡ଼ା, ସରୋଜିନୀ ଗୋଛାୟତ, ଗଦାଧର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁରୂପ ଭାବେ ନିଜଗଡ଼ ସେବା ସମବାୟ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଛି।

## ସୋର ତହସିଲରେ ଇ-ଗଭର୍ନାନ୍ସ ଆରମ୍ଭ

ସୋର, ୨୦ା୧୨(ଡି.ଏନ.ଏ.)

ସୋର ତହସିଲରେ ଗୁରୁବାର ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଯୋଜନାନୁଯାୟୀ ଲୋକଙ୍କ ନିକଟରେ ସେବା ପହଞ୍ଚାଇବାକୁ ଇ-ଗଭର୍ଣ୍ଣାନ୍ସର ଶୁଭାରମ୍ଭ ହୋଇଛି। ଜମି କବଲା ପରେ ନାମଜାରୀ କରାଯାଇ ଖତିଆନ୍ ପାଇବା ପାଇଁ ଆବେଦନକାରୀଙ୍କୁ ଦୀର୍ଘ ଦିନ ଧରି ତହସିଲକୁ ଦୌଡାଦୌଡି କରି ଅର୍ଥ ଓ ସମୟ ଅପଚୟ କରିବାକୁ ପଡୁଥିଲା। ଏଥି ସହ ଦଲାଲଙ୍କ ହାବୁଡରେ ପଡି ଲୋକେ ହଇରାଣ ହେଉଥିଲେ। ଆବେଦନକାରୀଙ୍କୁ ଇ-ଗଭର୍ଣ୍ଣାନ୍ସ ପରେ ଏଥିରୁ ମୁକ୍ତି ମିଳିବ। ଏହି ଯୋଜନାରେ ସୋର ତହସିଲଦାର ଦେବୀପ୍ରସାଦ ଦାଶ, ଅତିରିକ୍ତ ତହସିଲଦାର ଲିପ୍ସା ରାୟ ଗୁରୁବାର ସ୍ପିଡ୍ ପୋଷ୍ଟ ଯୋଗେ ପଟ୍ଟା ଆବେଦନକାରୀଙ୍କ ନିକଟକୁ ପଠାଇଛନ୍ତି। ଡିଇଓ ପ୍ରଦୀପ କୁମାର ଦାଶ ,ରେକର୍ଡ କିପର ଆଇ.ବି. ରାଜୁ ନାୟକ ସାମିଲ ଥିଲେ।

## ଚନ୍ଦନେଶ୍ୱର ଶୈବପୀଠରେ ସଫେଇ ଅଭିଯାନ

ଭୋଗରାଇ,୨୦ା୧୨(ଡି.ଏନ.ଏ.)

ବାବା ଚନ୍ଦନେଶ୍ୱର ମହାଦେବ ମନ୍ଦିର ନେତ୍ରନାଳକୁ ପରିଷ୍କାର କରାଯାଇଛି। ବିଶିଷ୍ଟ ସ୍ୱାଧନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କ ଝିଅ ସାମାଜିକକର୍ମୀ ଅପର୍ଣ୍ଣା ମହାପାତ୍ରଙ୍କ ନେତୃତ୍ୱରେ ଦେବେନ୍ଦ୍ର ସାହୁ, ବିପଦ ରଞ୍ଜନ ମିଶ୍ର, ଅଜିତ୍ କୁମାର ଦାସ, ରମେଶ ଚନ୍ଦ୍ର ସାହୁ, ସବ୍ୟସାଚୀ ମହାପାତ୍ର ପ୍ରମୁଖ ସାମାଜିକ କର୍ମୀ ମନ୍ଦିରରେ ପଡ଼ି ରହିଥିବା ଆବର୍ଜନା ସଫେଇ କରିଛନ୍ତି। ନଗୁଆଁ ଛକଠାରେ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀବାବୁଙ୍କ ପ୍ରତିମୂର୍ତ୍ତି ଓ ଆବର୍ଜନାକୁ ସେମାନେ ପରିଷ୍କାର କରି ଭୋଗରାଇକୁ ସ୍ୱଚ୍ଛ ଓ ସବୁଜ ଓ ସତେଜ ରଖିବା ପାଇଁ ବାର୍ତ୍ତା ଦେଇଛନ୍ତି।



## ଆଜି କ'ଣ କେଉଁଠି

ସିମୁଳିଆ
- ୪୧ତମ ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ମାର୍କୋଣା, ପୂର୍ବାହ୍ନ ୫ଟା।
- ଅଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଅଡ଼ା, ପୂର୍ବାହ୍ନ ୧୦ଟା ୩୦।

# ବାଲେଶ୍ୱରରେ ମଦ ବ୍ୟବସାୟୀଙ୍କ ରାଜ୍

- ଦୋକାନ ସମ୍ମୁଖରେ ଚାଲିଛି ଖୋଲା ବାର୍
- ଚଢ଼ାଉ ବେଳେ ପୋଲିସ୍‌କୁ ଦୁର୍ବ୍ୟବହାର
- ମଦ ଦୋକାନ ମାଲିକ ଗିରଫ

ବାଲେଶ୍ୱର ଅଫିସ,୨୦।୧୨

ବାଲେଶ୍ୱର ସହରରେ ମଦ ବ୍ୟବସାୟୀଙ୍କ ରାଜ୍ ଚାଲିଛି। ସରକାରୀ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ଚାଖ୍ଣା ଦୋକାନ ନାଁରେ ଖୋଲା ବାର୍ ଖୋଲାଯାଇଛି। ଲୋକେ ନିର୍ଭୟରେ ସେଠାରେ ଚାଖଣା ଖାଇବା ସହ ମଦ ପିଉଛନ୍ତି। ଷ୍ଟେଶନ ଛକରୁ ଆରମ୍ଭ କରି ନୂଆବଜାର, ଟାଉନ୍ ଥାନା ନିକଟସ୍ଥ ବାଣ୍ଠିଆ ଜଗନ୍ନାଥ ମନ୍ଦିର ପାଖ ଓ ତାମୁଲିଆ ରେଳ ଫାଟକ ନିକଟରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅବକାରୀ ବିଭାଗ ଓ ପୋଲିସକୁ ମଦ ବ୍ୟବସାୟୀଙ୍କ ଖାତିର୍ ନାହିଁ। ଏଣେ ସହରର ମଦ ବିରୋଧି ଆନ୍ଦୋଳନ ଆଉ ହେଉ ନ ଥିବାରୁ ତାର ଫାଇଦା ବ୍ୟବସାୟୀମାନେ ନେଉଛନ୍ତି। ଫଳରେ ଜନବହୁଳ ଅଞ୍ଚଳରେ ଅଶାନ୍ତି, ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ମଦ୍ୟପଙ୍କ ଯୋଗୁ ସଡ଼କ ଦୁର୍ଘଟଣା ବଢ଼ୁଛି। ଏହା ପରେ ବି ବ୍ୟବସାୟୀଙ୍କ ନାଲିଆଖି, କେତେବେଳେ ହାତଗୁଞ୍ଜା ଓ ରାଜନୀତି ଚାପରେ ସ୍ଥାନୀୟ ପ୍ରଶାସନ ଥାଣ୍ଡୁ ପାଲଟି ଯାଉଥିବା ଅଭିଯୋଗ ହୋଇଛି।

ଯାହାର ସଦ୍ୟ ନମୁନା ଦେଖିବାକୁ ମିଳିଛି ଷ୍ଟେଶନ ଛକରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ସମ୍ମୁଖରେ। ଗତ ୧୫ ତାରିଖ ରାତିରେ ଉକ୍ତ ଦୋକାନ ସମ୍ମୁଖରେ ଥିବା ଚାଖ୍ଣା ଦୋକାନରେ ଖୋଲା ବାର ଭଳି ଲୋକେ ମଦ ପିଉଥିବା ଅଭିଯୋଗ ହୋଇଥିଲା। ଖବର ପାଇ ସହଦେବଖୁଣ୍ଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ମଦ ଦୋକାନ ମାଲିକ ପ୍ରଶାନ୍ତ ମହାନ୍ତି ପୋଲିସକୁ ଦେଖି ବିରକ୍ତି ହେବା ସହ ପ୍ରାଇଭେଟ୍ ଅଞ୍ଚଳକୁ ଆସିବା ପୂର୍ବରୁ କାହାର ଅନୁମତି ନେଇଛ ବୋଲି ପୋଲିସକୁ ଓଲଟି ପ୍ରଶ୍ନ ପଚାରିଥିଲେ। ପୋଲିସ ସହ ତାଙ୍କର କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଏହା ପରେ ସେ ମଦ କାଉଣ୍ଟରର ମୁଖ୍ୟ ଗେଟ୍ ବନ୍ଦ କରିଦେଇ ପୋଲିସକୁ ବାହାରକୁ ଯିବାକୁ ଦେଇ ନ ଥିଲେ। ମହିଳା ପୋଲିସ କର୍ମଚାରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବାକୁ ସେ ପଛାଇ ନ ଥିଲେ। ଏହି ଖବର ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ନାୟକଙ୍କ ପାଖରେ ପହଞ୍ଚିବା ପରେ ସେ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଅଟକ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ପରେ ଥାନାଅଧିକାରୀ ନାୟକ ମଦ ଦୋକାନ ମାଲିକଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ଏକ ମାମଲା (ନଂ. ୩୪୩/୧୮) ରୁଜୁ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବାକୁ ଯାଉଥିବା ସମୟରେ ଛାତିରେ ଯନ୍ତ୍ରଣା ହେବା ବାହାନା କରି ମଦ ବ୍ୟବସାୟୀ ଡାକ୍ତରଖାନା ଯାଇଥିଲେ ଓ ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ନାୟକ କୁହନ୍ତି, ଗତ ୧୫ ତାରିଖ ରାତି ଘଟଣାର ଅଭିଯୋଗ ପାଇଲା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମଦ ଦୋକାନ ମାଲିକ ପ୍ରଶାନ୍ତ ମହାନ୍ତି ତାଙ୍କର କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଖବର ପାଇ ଫୋର୍ସ ସହ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଥିଲୁ। କୋର୍ଟ ଚାଲାଣ ସମୟରେ ତାଙ୍କର ଛାତି ଯନ୍ତ୍ରଣା ହେବା କାରଣରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସହରରେ ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ଚାଲିଛି। ଖୋଲା ବାର୍ ମାଲିକମାନେ କାହାକୁ ଭୟ କରୁ ନାହାନ୍ତି। ଏ ନେଇ ପୋଲିସ କାହିଁକି ହାତବାନ୍ଧି ବସିଛି ବୋଲି ତାଙ୍କୁ ପ୍ରଶ୍ନ କରାଯିବାରୁ ଥାନା ଅଧିକାରୀ କହିଛନ୍ତି, ଖୁବ୍ ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଚାଖ୍ଣା ଦୋକାନ ନାଁରେ ଚାଲିଥିବା ଖୋଲା ବାର୍।

## ମହାବିଦ୍ୟାଳୟରେ ପ୍ରତିଭା ପ୍ରତିଯୋଗିତା

ଖଇରା,୨୦।୧୨(ଡି.ଏନ.ଏ.): ଖଇରା ଅଞ୍ଚଳର ସର୍ବବୃହତ ପୂଜ୍ୟପୂଜା ସଂଗଠନ ପ୍ରତିଭା ପରିବାରର ଚୂଡ଼ାନ୍ତ ମେଧା ପ୍ରତିଯୋଗିତା ଖଇରା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କଲେଜ ଅଧକ୍ଷ ପ୍ରବୋଧ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ବେଦ ପାଠ କରିବା ପରେ ସଭାପତି ଚିନ୍ତାମଣି ସାହାଣୀ, ଉପସଭାପତି ସନାତନ ବେହେରା, ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେବା ସହିତ ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ବିଦ୍ୟାଳୟ ସ୍ତରରେ ଓଡିଆ ପ୍ରବନ୍ଧ,ଚିତ୍ରାଙ୍କନ,ବକ୍ତୃତା ଓ ମହାବିଦ୍ୟାଳୟ ସ୍ତରରେ ଏକକ ଅଭିନୟ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯଜ୍ଞଦତ୍ତ ସାହୁ, ଅମନ ସେଣ, ସାଇସିଦ୍ଧାର୍ଥ ଦାସ, ମିତାଞ୍ଜଳି ପରିଡା, ଜ୍ଞାନରଞ୍ଜନ ଲେଙ୍କା ପ୍ରମୁଖ କୃତିତ୍ୱ ଅର୍ଜନ କରିଥିଲେ । ଆସନ୍ତା ଜାନୁୟାରୀ ୫ ଓ ୬ ରେ ପ୍ରତିଭା ପରିବାରର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ।

## ଶକ୍ତି ସଂରକ୍ଷଣ ସଚେତନତା ରାଲି

ବାଲେଶ୍ୱର ଅଫିସ, ୨୦।୧୨: ବାଲେଶ୍ୱର ମିଶନ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସଚେତନତା ରାଲିକୁ ବୁଧବାର ସଦର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ରାଲି ବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏସ୍‌ଏମ୍‌ସି ସଭାପତି ପ୍ରଭାତ କୁମାର ବେହେରା, ସୁକେତୁ ମହାରଣା, କବିତା ବେହେରା ଏବଂ ବିଏଡ୍ କଲେଜର ଛାତ୍ରୀଛାତ୍ର ରାଲିକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ହିମାଂଶୁ କୁମାର ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶକ୍ତି ସଂରକ୍ଷଣ କରିବା, ଘରେ ଘରେ ଏଲଇଡ଼ି ବଲ୍‌ବ ବ୍ୟବହାର କରିବା, ଶକ୍ତି ଅପଚୟକୁ ରୋକିବା ସମ୍ପର୍କରେ ମତ ରଖିଥିଲେ। ଜିଲା ଶକ୍ତି କ୍ଲବର ସଂଯୋଜକ ଦେବେନ୍ଦ୍ର କୁମାର ମହାନ୍ତି ରାଲିର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ସମସ୍ତ କାର୍ଯ୍ୟକୁ ମନୋଜ କୁମାର ସେଠ, ଭାସ୍କର ଜେନା ଓ ଜୟନ୍ତୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ନିଆଁରେ ପୋଡ଼ି ମହିଳା ଆହତ

ରୂପସା,୨୦।୧୨(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷାଫଳ ଗ୍ରାମର ମିଟି ଗାଆଣ ନାମ୍ନୀ ଜଣେ ମହିଳା ବୁଧବାର ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ଅପରାହ୍ନରେ ରୋଷେଇ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଅସାବଧାନତା ବଶତଃ ତାଙ୍କ ଶାଢ଼ିରେ ଚୁଲିରୁ ନିଆଁ ଲାଗି ଯାଇଥିଲା। ତାଙ୍କ ଶରୀରର ଅର୍ଦ୍ଧେକ ଅଂଶ ପୋଡ଼ି ଯାଇଛି।



କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

## ୬ ଜଣଙ୍କୁ ମିଳିଲା କଳାକାର ଭତ୍ତା

ଜଳେଶ୍ୱର,୨୦।୧୨ (ଡି.ଏନ୍.ଏ.)

ଜଳେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ୬ ଜଣ କଳାକାର ଙ୍କୁ ଗୁରୁବାର ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ତରଫରୁ କଳାକାର ଭତ୍ତା ପ୍ରଦାନ କରାଯାଇଛି। ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉକ୍ତ ୬ ଜଣ କଳାକାରଙ୍କୁ ନଭେମ୍ବର ଏବଂ ଡିସେମ୍ବର ମାସର ୨୪୦୦ ଟଙ୍କା କରି ୬ଟି ବ୍ୟାଙ୍କ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏଣିକି ପ୍ରତିମାସ ଏହି କଳାକାର ମାନଙ୍କୁ ୧୨୦୦ ଟଙ୍କା କରି କଳାକାର ଭତ୍ତା ପ୍ରଦାନ କରାଯିବ। ୬ କଳାକାରଙ୍କ ମଧ୍ୟରେ ପଞ୍ଚୁଘଣ୍ଟା ଗ୍ରାମର ନାଟ୍ୟକାର ରାଧାରାଣି ବେହେରା, ନନ୍ଦିକା ଗ୍ରାମର ରାଧାକୃଷ୍ଣ ଗିରି, ନହଞ୍ଜରା ଗ୍ରାମର ତବଲାବାଦକ ରବୀନ୍ଦ୍ରନାଥ ପରିଡ଼ା, ଶାନ୍ତିଆ ଗ୍ରାମର କଣ୍ଠଶିଳ୍ପୀ ଗଣେଶଚନ୍ଦ୍ର ଜେନା, ଅଲାଲପୁର ଗ୍ରାମର କଳାକାର ବାଞ୍ଛାନିଧୀ ଜେନା, ସେଖବାର୍ଡ ଗ୍ରାମର ପୂର୍ଣ୍ଣିମା ପ୍ରଧାନ ପ୍ରମୁଖ ଭତ୍ତା ପାଇଛନ୍ତି। ଏହି ଅବସରରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଧାରୀ ବାରିକ, ଗୋଷ୍ଠୀ ସଂଗଠିକା ଜ୍ୟୋସ୍ନାରାଣି ପତି, ଆକାଉଣ୍ଟାଣ୍ଟ୍ ପ୍ରଦୀପ କୁମାର ବେହେରା ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କଳାକାର ମାନେ ସେମାନଙ୍କର କଳାର ନିପୁଣତା ପ୍ରଦର୍ଶନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



ବାଲିଘାଟକୁ ଏକ ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରୁଛନ୍ତି।

## ଏନ୍‌ଜିଟିର ଆଦେଶକ୍ରମେ ବାଲିଘାଟ ପରିଦର୍ଶନ କଲେ ବିଶେଷଜ୍ଞ ଟିମ୍

ଜଳେଶ୍ୱର,୨୦।୧୨ (ଡି.ଏନ୍.ଏ)

ନୂଆଦିଲ୍ଲୀ ସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) କୋର୍ଟର ଆଦେଶକ୍ରମେ ଗୁରୁବାର ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବିଳାଶପୁର, ମାକିଡ଼ିଆ ଓ ଦକ୍ଷିଣପ୍ରହରାଜପୁର ବାଲିଘାଟକୁ ଏକ ବିଶେଷଜ୍ଞ ଟିମ୍ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନ ୧୧ ଟାରୁ ୨ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟାଧରି ପୂର୍ବାଞ୍ଚଳ ରେଞ୍ଜର ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି), ପଶ୍ଚିମବଙ୍ଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଡବ୍ଲ୍ୟୁବି ପିସିବି) ଏବଂ ଭୁବନେଶ୍ୱର ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପି ସିବି)ର ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିଥିଲେ। ସିପିସିବିର ପୂର୍ବାଞ୍ଚଳ ରେଞ୍ଜର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆର୍‌ସି ସକ୍ସେନାଙ୍କ ନେତୃତ୍ୱରେ ପରିଦର୍ଶନ କରିଥିବା ଏହି ଟିମ୍‌ରେ ପରିବେଶ ବୈଜ୍ଞାନିକ ଡ. ରିତା ଶାହ, ବରିଷ୍ଠ ପରିବେଶ ବୈଜ୍ଞାନିକ ଡ. ପିକେ ବୋରେଇ ଏବଂ ଓଡ଼ିଶା ପିସିବିର ମୁଖ୍ୟ ପରିବେଶ ଯନ୍ତ୍ରୀ ଡ. ନିହାର ରଂଜନ ସାହୁ ପ୍ରମୁଖ ବାଲିଘାଟ ଗୁଡ଼ିକରୁ କିପରି ଭାବେ ପରିବେଶ ଆଇନ୍‌କୁ ଉଲ୍ଲଂଘନ କରି ଅହୋରାତ୍ର ନଦୀଗର୍ଭରୁ ଉଚ୍ଚ କ୍ଷମତାସମ୍ପନ୍ନ ବିଶିଷ୍ଟ ଅତ୍ୟାଧୁନିକ ସ୍ୱମ୍ପପମ୍ପ ଓ ଜେସିବି ମେସିନ ଦ୍ୱାରା ବାଲି ଉତ୍ତୋଳନ କରାଯିବ ତାହା ଦୀର୍ଘ ସମୟଧରି ଦେଖିଥିଲେ। ଉକ୍ତ ଟିମ୍ ସହିତ ଜିଲା ପ୍ରଶାସନ ତରଫରୁ ଉପ ଜିଲାପାଳ ନିଲୁ ମହାପାତ୍ର, ସ୍ଥାନୀୟ ତହସିଲଦାର ଅଭିମନ୍ୟୁ ପଣ୍ଡା,ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ଼,ଜଳେଶ୍ୱର ଆଇଆଇସି ପ୍ରଦୀପ କୁମାର ମାଝି,ରାଇବଣିଆ ଥାନାଧିକାରୀ ରବୀନ୍ଦ୍ରନାଥ ବେହେରା ଓ ପୋଲିସବଳ ଉପସ୍ଥିତ ଥିଲେ। ଏହି ବିଶେଷଜ୍ଞ ଟିମ୍ ଆଜିର ପରିଦର୍ଶନକୁ ନେଇ ଏକ ବିସ୍ତୃତ ରିପୋର୍ଟ ଏନ୍‌ଜିଟି କୋର୍ଟଙ୍କ ଆଦେଶକ୍ରମେ ଗଠିତ ହୋଇଥିବା କମିଟି ନିକଟରେ ଦାଖଲ କରିବ। ପ୍ରକାଶ ଯେ, ଦୀର୍ଘବର୍ଷ ଧରି ବାଲିଘାଟ ଗୁଡ଼ିକରୁ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶା ରାଜ୍ୟର ବାଲିମାଫିଆ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ଆସୁଥିଲେ। ଏହାକୁ ନେଇ ସାମାଜିକକର୍ମୀ ସୁଦର୍ଶନ ଦାସ ଏନ୍‌ଜିଟି କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ବାଗୁଡି ମହାବୀର କ୍ରିକେଟ୍: ନାଗପୁର କରିମ୍ ସ୍ପୋର୍ଟିଂ ଚାମ୍ପିୟନ

ସୋର, ୨୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବାଗୁଡିସ୍ଥିତ ମହାବୀର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୨୦ତମ ସର୍ବଭାରତୀୟ ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ୨ୟ ଦିନ ମ୍ୟାଚ୍‌ରେ ନାଗପୁର କରିମ୍ ସ୍ପୋର୍ଟିଂ ଗଞ୍ଜାମର ଆଲ୍‌ଫା ସ୍ପୋର୍ଟିଂର ମୁକାବିଲା ହୋଇଥିବା ବେଳେ ଟସ୍ ଜିତି ପ୍ରଥମେ କରିମ୍ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଲ୍‌ଫା ୩୦ ଓଭରରେ ୯ ଉଇକେଟ୍ ହରାଇ ୧୨୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ସାମାଜିକ କର୍ମୀ ସୁଦର୍ଶନ ବେହେରା ଓ ସମିତି ସଭ୍ୟ ଭ୍ରମରବର ନାୟକ ବିଜୟୀ ଦଳକୁ ଭାରତୀୟ କ୍ରିକେଟରଙ୍କ ଅଟୋଗ୍ରାଫ୍ ଥିବା ଏକ ବ୍ୟାଟ୍ ସହ ଏକ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ସାହୁ ଓ ପ୍ରସନ୍ନ ବେଓରା ଖେଳ ପରିଚାଳନା କରିଥିବା ବେଳେ ବାସୁଦେବ ଜେନାଙ୍କ ସହ ଅବିନାଶ ସାମଲ ଭାଷ୍ୟକାର ଥିଲେ। ଜଗଦିଶ୍ ସାହୁଙ୍କ ସହ ଅକ୍ଷୟ କୁମାର ଜେନା ସ୍କୋରର ଦାୟିତ୍ୱ ତୁଲାଇଥିଲେ।



ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖୁଛନ୍ତି।

## ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ରେମୁଣା,୨୦।୧୨(ଡି.ଏନ.ଏ.)

ବରୁଣସିଂ ସ୍ଥିତ ଶ୍ରୀଜଗନ୍ନାଥ ଏଜୁକେସନାଲ ଫାଉଣ୍ଡେସନ୍ ହାୟାର ସେକେଣ୍ଡାରୀ ସ୍କୁଲରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହା ଦୀର୍ଘ ୧୨ଦିନ ପର୍ଯ୍ୟନ୍ତ ଚାଲିଥିଲା। କଲେଜର ଅଧକ୍ଷ ପ୍ରଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ବିଶିଷ୍ଟ ଶିକ୍ଷାବିତ୍ ମାର୍କଣ୍ଡ ସେଠୀ, ବରୁଣସିଂ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଭୂଷଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀ ଆତ୍ମରକ୍ଷା ତାଲିମର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଂଯୋଜିକା ଇତିଶ୍ରୀ ରାଉତ ଓ ପ୍ରଶିକ୍ଷିକା ମଧୁସ୍ମିତା ବେହେରା ଶିବିର ପରିଚାଳନା କରିଥିଲେ। ଅଧାପକ ଡ. ସତୀଶ ଚନ୍ଦ୍ର ପଟ୍ଟନାୟକ, ଅଧାପିକା ମନସ୍ୱିନୀ ବାରିକ, ବଳରାମ ସାହୁ, ସରିତା ପାଢ଼ୀ, ବସନ୍ତ ମିଶ୍ର ତଥା ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ୧୨ ଦିନିଆ ଶିବିରରେ ୬୨ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

ସିମୁଳିଆ,୨୦।୧୨(ଡି.ଏନ.ଏ.)

ଦାମୋଦର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଜାମୁଝାଡ଼ିର ୩୩ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ଶିଅଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ତଥା ଭାରତ ସେବାନିଧି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣୀ ବୋଇତି ଯୋଗଦେଇ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ଜଣେ ବ୍ୟକ୍ତି ନୁହେଁ ଶକ୍ତି ଓ ଶିକ୍ଷକ ନିଜକୁ ଗଡିବା ସହିତ ଶିକ୍ଷାର୍ଥୀ ମାନଙ୍କୁ ଗଢ଼ିବାରେ ସହାୟକ ହୋଇଥାଆନ୍ତି ବୋଲି ଗଳ୍ପ ମାଧ୍ୟମରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରମାକାନ୍ତ ପଣ୍ଡା, ନରେନ୍ଦ୍ର ବାରିକ, ପୁରୁଷୋତ୍ତମ ବେହେରା, ମୁଖ୍ୟଅତିଥି ଭାବେ ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଶିକେଷ ପଣ୍ଡା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ମିଶ୍ର ଅତିଥିମାନଙ୍କୁ ମଞ୍ଚ ସ୍ୱାଗତ, ଗୀତାରାଣୀ ସେଠୀ ବାର୍ଷିକ ବିବରଣୀ ପାଠ ଓ ସବିତା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଷୀକେଶ ପଣ୍ଡା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## 'ଉତ୍ସବ ସୁପ୍ତ ପ୍ରତିଭାର ବିକାଶ କରିଥାଏ'

ସିମୁଳିଆ,୨୦।୧୨(ଡି.ଏନ.ଏ.)

ସିମୁଳିଆ ବ୍ଲକର ବରି ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ବିଦ୍ୟାଳୟ ଓ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ଯୋଗଦେଇ ବର୍ତ୍ତମାନ ଛାତ୍ରୀଛାତ୍ର ମାନେ କିଛି ଶିଖିବା ପରିବର୍ତ୍ତେ କେବଳ ଚାକିରୀ ପାଇଁ ପାଠ ପଢ଼ୁଛନ୍ତି ବୋଲି କହିବା ସହିତ ବିଦ୍ୟାଳୟରେ ଉତ୍ସବ ପିଲାମାନଙ୍କୁ ପ୍ରେରଣା ଦିଏ ଓ ସୁପ୍ତ ପ୍ରତିଭାର ବିକାଶ କରିଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅନ୍ୟତମ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଳିକ, ଉର୍ଦ୍ଦୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୈୟଦ ମହମ୍ମଦ ସାଫି, ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଅମିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ କନକ ବାରିକ, ଜ୍ୟୋସ୍ନାରାଣୀ ସାହୁ ଓ ମୌସୁମୀ ବିଶ୍ୱାଳ ନିଜନିଜ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ଓ ଶିକ୍ଷାରେ ବରି ଉଚ୍ଚ ବିଦ୍ୟାଳୟର ୬୦ଜଣ, ବାଳିକା ବିଦ୍ୟାଳୟର ୩୮ଜଣ ଓ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟର ୨୧୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ସଙ୍ଗୀତ ଗାନ କରୁଛନ୍ତି।






## ଗୁରୁତ୍ୱପୂର୍ଣ୍ଣ ସୂଚନା

ତା.23.12.2018ରିଖ (ରବିବାର) ଦିନ ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ଭଦ୍ରକ ସେକ୍ସନରେ ବଇରୀ-କପିଳାସ ରୋଡ଼ ଷ୍ଟେସନ ମଧ୍ୟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ନିର୍ମାଣ ନିମନ୍ତେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ବାତିଲ୍ / ପୁନଃ ନିର୍ଦ୍ଧାରଣ ଏବଂ ନିୟନ୍ତ୍ରଣ

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58407 | ଭଦ୍ରକ-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 58411/58412 | ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର | 23.12.2018 |
| 18416 | ପୁରୀ-ବଡ଼ବିଲ ଏକ୍ସପ୍ରେସ୍ | 23.12.2018 |
| 18415 | ବଡ଼ବିଲ-ପୁରୀ ଏକ୍ସପ୍ରେସ୍ | 24.12.2018 |
| 18404 | ବଡ଼ବିଲ-ଚକ୍ରଧରପୁର ଏକ୍ସପ୍ରେସ୍ | 23.12.2018 |
| 18403 | ଚକ୍ରଧରପୁର-ବଡ଼ବିଲ ଏକ୍ସପ୍ରେସ୍ | 24.12.2018 |
| 58424/58423 | କଟକ-ଭଦ୍ରକ-କଟକ ପାସେଞ୍ଜର | 23.12.2018 |

**ଟ୍ରେନ୍‌ଗୁଡ଼ିକର ପୁନଃ ନିର୍ଦ୍ଧାରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ପୁନଃନିର୍ଦ୍ଧାରିତ ସ୍ଥାନ | ପୁନଃନିର୍ଦ୍ଧାରଣ ତାରିଖ |
|---|---|---|---|
| 58525 | କେନ୍ଦୁଝରଗଡ଼-ଭୁବନେଶ୍ୱର ପାସେଞ୍ଜର | କେନ୍ଦୁଝରଗଡ଼ | ତା.23.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12891 | ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍ | ବାଙ୍ଗିରିପୋଷି | ତା.23.12.2018ରିଖ 3 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |
| 12821 | ହାଓଡ଼ା-ଭୁବନେଶ୍ୱର-ଧଉଳି ଏକ୍ସପ୍ରେସ୍ | ହାଓଡ଼ା | ତା.23.12.2018ରିଖ 2 ଘଣ୍ଟା ପର୍ଯ୍ୟନ୍ତ |
| 18646 | ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ | ହାଇଦ୍ରାବାଦ | ତା.22.12.2018ରିଖ 2 ଘଣ୍ଟା 30 ମିନିଟ୍ ପର୍ଯ୍ୟନ୍ତ |

**ଟ୍ରେନ୍‌ଗୁଡ଼ିକର ନିୟନ୍ତ୍ରଣ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ନିୟନ୍ତ୍ରଣ କରାଯିବ | ନିୟନ୍ତ୍ରଣ ତାରିଖ |
|---|---|---|---|
| 58001 | ହାଓଡ଼ା-ପୁରୀ ପାସେଞ୍ଜର | ଯାଜପୁର-କେନ୍ଦୁଝର ରୋଡ଼ | ତା.23.12.2018ରିଖ 2 ଘଣ୍ଟା ନିମନ୍ତେ |
| 12816 | ନୂଆଦିଲ୍ଲୀ-ପୁରୀ ନନ୍ଦନକାନନ ଏକ୍ସପ୍ରେସ୍ | ଆବଶ୍ୟକ ସ୍ଥଳେ, ଗନ୍ତବ୍ୟ ପଥରେ | 3 ଘଣ୍ଟା ପର୍ଯ୍ୟନ୍ତ |

ତା.୨୬.୧୨.୨୦୧୮ ରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ବଲାଙ୍ଗୀର ଓ ଭର୍ସାପାଲି ମଧ୍ୟରେ ନୂଆ ଲାଇନ୍ ଓ ବଲାଙ୍ଗୀର ଓ ଦେଓଗାଁ ରୋଡ଼ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍‌ଗୁଡ଼ିକର ବାତିଲ୍ / ଆଂଶିକ ବାତିଲ୍।

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58301/58303 | ସମ୍ବଲପୁର-କୋରାପୁଟ/ଜୁନାଗଡ଼ ରୋଡ଼ ପାସେଞ୍ଜର | 15.12.2018 ରୁ 25.12.2018 |
| 58302/58304 | କୋରାପୁଟ/ଜୁନାଗଡ଼ ରୋଡ଼-ସମ୍ବଲପୁର ପାସେଞ୍ଜର | 16.12.2018 ରୁ 26.12.2018 |

**ଆଂଶିକ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ୍ ମଧ୍ୟରେ ଆଂଶିକ ବାତିଲ | ଆଂଶିକ ବାତିଲ ହେବା ତାରିଖ |
|---|---|---|---|
| 58213/ 58214 | ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର | ଟିଟିଲାଗଡ଼-ସମ୍ବଲପୁର (ଉଭୟ ଦିଗରୁ) | 16.12.2018 ରୁ 25.12.2018 |
| 12893/ 12894 | ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି | ସମ୍ବଲପୁର-ବଲାଙ୍ଗୀର (ଉଭୟ ଦିଗରୁ) | 20.12.2018 ରୁ 25.12.2018 |



PR-412/J/18-19

ପୂର୍ବ ତଟ ରେଳପଥ

## ସଂକ୍ଷେପରେ

### ୨୪ରେ ୬ ଥାକିଆ ଜାତୀୟ ରାଜପଥର ଭିତ୍ତିପ୍ରସ୍ତର

**ଭଦ୍ରକ ଅଫିସ, ୨୦।୧୨ :** ଚଣ୍ଡିଖୋଲଠାରୁ ଭଦ୍ରକ ଜାତୀୟ ରାଜପଥ-୧୬ର ୬ଥାକିଆ କାର୍ଯ୍ୟ ପାଇଁ ଆସନ୍ତା ୨୪ ତାରିଖରେ ଭଣ୍ଡାରିପୋଖରୀ ବ୍ଲକ ଜାମିନିବିନ୍ଧା ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ତାରିଖରେ ଓଡ଼ିଶା ଗସ୍ତ ସମୟରେ ଆଇଆଇଟି ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ମାଧମରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଜଣାଯାଇଛି।

### ଜେଜେମା, ଜେଜେବାପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଧାମନଗର, ୨୦।୧୨ (ଡି.ଏନ.ଏ.):** ଶିଶୁଙ୍କ ଉତ୍ତମ ଭବିଷ୍ୟତ ଗଢ଼ିବାରେ ଜେଜେମା, ଜେଜେବାପାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅସୁରାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଜେଜେମା, ଜେଜେବାପା ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୀତା ଜୟନ୍ତୀ ଏବଂ ଜେଜେମା, ଜେଜେବାପା ସମ୍ମିଳନୀ ମୁଖ୍ୟ ଉପଦେଷ୍ଟା ଉତ୍କଳ ଭୂଷଣ ନାୟକ ଅଧକ୍ଷତା କରିଥିଲେ। ପରମାନନ୍ଦ ପଣ୍ଡା ମୁଖ୍ୟଅତିଥି, ସମ୍ପାଦକ ଇଂ. ସନ୍ତୋଷ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡ଼ା ସଂଯୋଜନା ଓ ଆଚାର୍ଯ୍ୟ ବାସୁଦେବ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ।

### ସ୍ମୃତିଚାରଣ ସଭା

**ବନ୍ତ,୨୦।୧୨ (ଡି.ଏନ.ଏ.) :** ବନ୍ତ ବ୍ଲକ ଛୟାଳସିଂ ଗ୍ରାମର ସାମାଜିକ କର୍ମୀ ସୁଧାକର ନାୟକଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗଣେଶ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ଅଧାପକ ଶିବପ୍ରସାଦ ଖାମରାଇ, ସିଆର୍‌ସିସି ଭରତ ଚନ୍ଦ୍ର ଓଝା, ଶିକ୍ଷାବିତ୍ ଗୌରାଙ୍ଗ ଚନ୍ଦ୍ର ମହାକୁଡ, ଖଗେଶ୍ୱର ପଣ୍ଡା, ଅଲେଖ ଚନ୍ଦ୍ର ନାୟକ, ରୋହିତ କୁମାର ଜେନା, ଅନିମା ଦାସ, ନିରଞ୍ଜନ ବେହେରା, ପାର୍ଥସାରଥୀ ପଢ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ।

# ଯନ୍ତ୍ରୀଙ୍କ ଅଜାଣତରେ ସରକାରୀ ଗୃହ ନିର୍ମାଣ

**ଚାନ୍ଦବାଲି,୨୦।୧୨(ଡି.ଏନ.ଏ.)**

ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ପକ୍କାଘର ନିର୍ମାଣ କରାଯାଉଥିବା ବେଳେ ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ଚାନ୍ଦବାଲି ବ୍ଲକରେ ଏହାର ଗୁଣବତ୍ତା ଓ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ କ୍ଷେତ୍ରରେ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କୁ ନ ଜଣାଇ ଏହାର ଛାତ ପକାଯାଉଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ, ଅଧିକାଂଶ କାମ ସରକାରୀ କର୍ମଚାରୀଙ୍କ ନାମରେ ରହିଥିବା ବେଳେ ପ୍ରକୃତରେ ସ୍ଥାନୀୟ ନେତା ଠିକାଦାର ସାଜୁଛନ୍ତି । ନିର୍ବାଚନ ଆଗରେ ଥିବାରୁ ସମ୍ଭାବ୍ୟ କଟକଣା ଡରରେ ନେତାମାନେ କାମ ଶେଷ କରିବାକୁ ପ୍ରତିଯୋଗିତା ଆରମ୍ଭ କରିଛନ୍ତି। ସେମାନେ ନିଜ ଇଚ୍ଛାରେ ନିର୍ମାଣ କାମ କରୁଥିବା ବେଳେ ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀଙ୍କୁ ମଧ୍ୟ ଅବଗତ କରୁ ନାହାନ୍ତି। ଏନେଇ ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନାହିଁ। ଆମ ଗାଁ ମୋ ବିକାଶ ଯୋଜନାରେ ପ୍ରାୟ ୩ ଲକ୍ଷ ଟଙ୍କାର ବ୍ୟୟବରାଦରେ ଚଡଦିଆ ପଞ୍ଚାୟତର ଶୈଳେନ୍ଦ୍ରପଲ୍ଲୀର ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ହେଉଛି। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏହାର ଛାତ ପକାଯାଇଥିବା ଅଭିଯୋଗ ହୋଇଛି। ଏହି ଗାଁରେ ଏକ ଅଙ୍ଗନଓ୍ୱାଡ଼ି ଘର ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଛି। ୩ ଦିନ ତଳେ କନିଷ୍ଠ ଯନ୍ତ୍ରୀଙ୍କୁ ନ ଜଣାଇ ଏହାର ଛାତ ପକାଯାଇଛି। କେତେକ ଲୋକ ଏହାର ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡିବା ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଘଟଣା ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଗୋବିନ୍ଦ ସାମଲ କହିଛନ୍ତି, ତାଙ୍କୁ ସୂଚନା ନ ଦିଆଯାଇ ଏହି ଦୁଇଟି ଘରର ଛାତ ପକାଯାଇଛି। ଅନ୍ୟ ଏକ ଘଟଣାକ୍ରମରେ ୩୫ ଲକ୍ଷ ଟଙ୍କା ବ୍ୟୟବରାଦରେ ଚଳିତମାସ ବଜରାପୁର ପଞ୍ଚାୟତର ଅଫିସ୍ ଗୃହ ନିର୍ମାଣ ବେଳେ କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସାହୁଙ୍କ ଅଜାଣତରେ ଛାତ ପକାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏ ସମ୍ପର୍କରେ ବିଡିଓ ଅଜାମ୍ବର ମହାନ୍ତିଙ୍କୁ ପଚାରିବାରୁ କହିଥିଲେ, କେତେକ ପଞ୍ଚାୟତରେ ଏଭଳି ଅନିୟମିତତା ନେଇ ଖବର ମିଳିଛି। ସମସ୍ତ କାମର ବିଲ୍ ବନ୍ଦ କରାଯିବ ବୋଲି ସେ କହିଛନ୍ତି।


କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଶୈଳେନ୍ଦ୍ରପଲ୍ଲୀ ଅଙ୍ଗନଓ୍ୱାଡ଼ି କେନ୍ଦ୍ରର ଛାତ ପକାଯାଉଛି ।

# ୨୦୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ


ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରାଯାଉଛି।

**ଭଦ୍ରକ ଅଫିସ, ୨୦।୧୨**

ଭଦ୍ରକ ଜିଲା ଆଦାନୀ ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପାଇଁ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଆଦାନୀ ଫାଉଣ୍ଡେଶନ, ରୋଟାରୀ ଚାରିଟେବୁଲ କ୍ୟାନସର୍ ଟ୍ରଷ୍ଟ ଓ ଆପୋଲୋ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଚାନ୍ଦବାଲି ବ୍ଲକର କରଣପଲ୍ଲୀ ପଞ୍ଚାୟତ ଶିତଳାମନ୍ଦିର ପଡ଼ିଆ ପ୍ରାଙ୍ଗଣରେ ଶିବିର ଆୟୋଜିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର ଏମ୍. ଡିଗିକର ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ବହୁ ବିଶେଷଜ୍ଞ ଡାକ୍ତର ଏଥିରେ ଯୋଗଦେଇ ଗ୍ରାମବାସୀଙ୍କୁ ଅତ୍ୟାଧୁନିକ ପ୍ରଣାଳୀରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ନମୁନା ପରୀକ୍ଷଣ, ବ୍ଲଡ୍ ଗ୍ରୁପିଂ, ଇସିଜି, ଓଜନ ତଥା ଉଚ୍ଚତା ମାପ ଆଦି କରାଇ ଔଷଧ ବଣ୍ଟନ କରିଥିଲେ। ପ୍ରାୟ ୨୦୦୦ ରୁ ଉର୍ଦ୍ଧ୍ୱ ଶିଶୁ, ମହିଳା ଓ ବୃଦ୍ଧ ସ୍ୱାସ୍ଥ୍ୟ ପରୀକ୍ଷଣ କରିବା ସହ ଚିକିତ୍ସିତ ହୋଇଥିଲେ। ଆଦାନୀ ତରଫରୁ ଉପସଭାପତି ଜଗତ ପରିଜା, ସିଏସ୍‌ଆର୍‌ର କର୍ମକର୍ତ୍ତା ଓ ପୋର୍ଟର ବହୁ କର୍ମଚାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କରଣପଲ୍ଲୀ ସରପଞ୍ଚ ବାବୁଲି ସେଠୀ, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ମଣ୍ଡଳ, ସପନ ମଣ୍ଡଳ, କୃଷ୍ଣ ମଣ୍ଡଳ, ପଞ୍ଚାନନ ମଣ୍ଡଳ, ବାବୁଲା ସାହୁ, ଧନଞ୍ଜୟ ମଣ୍ଡଳ, ଜଗା ଦାସ ଏବଂ ମଧୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରଙ୍କ ନିଷ୍ପତ୍ତିକୁ ଗ୍ରାମରୋଜଗାର ସେବକ ସଂଘର ବିରୋଧ

**ଧାମନଗର, ୨୦।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଗ୍ରାମରୋଜଗାର ସେବକ ସଂଘ ପକ୍ଷରୁ ଧାମନଗର ବ୍ଲକ ଧୂଷୁରୀ ପୂଜ୍ୟପୂଜା ସଂସଦ ସଭାକକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ପକ୍ଷରୁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଗ୍ରାମରୋଜଗାର ସେବକମାନେ ବିଭିନ୍ନ ଦାବି ନେଇ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ଜାରି ରଖିଛନ୍ତି। ୩୬ ଦିନ ଧରି ସେମାନେ କାର୍ଯ୍ୟରେ ଯୋଗ ଦେଉ ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ମୁଖ୍ୟ ଶାସନ ସଚିବଙ୍କ ଧମକପୂର୍ଣ୍ଣ ଚିଠିକୁ ସଂଘ ନିନ୍ଦା କରିଛି। ସମଗ୍ର ରାଜ୍ୟରେ ଆନ୍ଦୋଳନ ଜାରି ରହିଥିବା ବେଳେ ସରକାର ଦାବି ପୂରଣ ନ କରି ଦିଆଯାଉଥିବା ଧମକକୁ ସଂଘ ବରଦାସ୍ତ କରିବ ନାହିଁ ବୋଲି ବୈଠକରେ କୁହାଯାଇଥିଲା। ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ରମାକାନ୍ତ ଲେଙ୍କା, ଜିଲା ସଭାପତି ଦିଗମ୍ବର ମହାପାତ୍ର, ସମ୍ପାଦକ ଦେବପ୍ରକାଶ ନାୟକଙ୍କ ସମେତ ୭ଟି ବ୍ଲକ ସଭାପତି, ସମ୍ପାଦକ ଏବଂ ଜିଆର୍‌ଏସ୍ ସଦସ୍ୟ ଯୋଗ ଦେଇଥିଲେ। ପ୍ରସନ୍ନ ତ୍ରିପାଠୀ, ରାଧାକାନ୍ତ ଜେନା, ନୀହାର ନାୟକ, ଅଶୋକ ନନ୍ଦି, ଓ୍ୱାସିମ ଅକ୍ତର କାଦ୍ରୀ, ନିରୁପମା ପତି ଓ ସ୍ୱର୍ଣ୍ଣପ୍ରଭା ପତି ପ୍ରମୁଖ ବୈଠକ ପରିଚାଳନା କରିଥିଲେ।

## ଅନୁସୂଚିତ ଜାତି ମୋର୍ଚ୍ଚା ପୁନଗଠନ ନେଇ ଆଲୋଚନା

**ବାସୁଦେବପୁର, ୨୦।୧୨ (ଡି.ଏନ.ଏ.)**

ବାସୁଦେବପୁରରେ ଭାଜପା ଅନୁସୂଚିତ ବର୍ଗର ଭୋଟର ଓ ଲୋକଙ୍କୁ ଏକଜୁଟ କରିବା ତଥା ଅନୁସୂଚିତ ଜାତିର ସଙ୍ଗଠନକୁ ଅଧିକ ମଜ୍‌ଭୁତ କରିବା ଉଦ୍ଦେଶ୍ୟରେ ଭାଜପା ଜିଲା ଅନୁସୂଚିତ ମୋର୍ଚ୍ଚା ସଭାପତି ଅଧର କୁମାର ମଲିକ ଗୁରୁବାର ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସିଥିଲେ। ତାଙ୍କ ସହିତ ଜିଲା ଉପସଭାପତି ରମାକାନ୍ତ ସେଠୀ, କୋଷାଧ୍ୟକ୍ଷ ଚକ୍ରଧର ସେଠୀ, ରବିନାରାୟଣ ଦାସ, ଧୀରେନ୍ଦ୍ର ମହାନ୍ତି, ନିର୍ମଳ ମଲିକ, ମୁକ୍ତିକାନ୍ତ ବାରିକ ପ୍ରମୁଖ ଭାଜପା କର୍ମକର୍ତ୍ତା ବିଭିନ୍ନ ମଣ୍ଡଳର ସଭାପତିଙ୍କୁ ଭେଟିଥିଲେ। ନିର୍ବାଚନ ମଣ୍ଡଳୀରେ କିପରି ଅନୁସୂଚିତ ଜାତି ମୋର୍ଚ୍ଚା ପୁନର୍ଗଠନ ହୋଇପାରିବ ସେ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ।

## ଧାନମଣ୍ଡି ଉଦ୍‌ଘାଟିତ

**ବନ୍ତ,୨୦।୧୨ (ଡି.ଏନ.ଏ.)**

ବନ୍ତ ବ୍ଲକ ସେଣ୍ଡେତୀରା ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ପ୍ରେମାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିବିସିସି ବ୍ୟାଙ୍କର ବନ୍ତ ଶାଖା ପରିଚାଳକ ସଞ୍ଜୟ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଈଶ୍ୱର ଜେନା, ସହସମ୍ପାଦକ ସୁଦାମ ପେଡା, ଡିଇଓ ସନ୍ତୋଷ ସେନାପତି, କର୍ମଚାରୀ ଈଶ୍ୱର ବାରିକ, ଚାଷୀ କମିଟି ସଭ୍ୟ ଚିନ୍ତାମଣି ନାୟକ, ଦିବାକର ଦାସ, ନିରଞ୍ଜନ ଖଟୁଆ, ରତ୍ନାକର ପହି, ଗୋଲକ ମଲ୍ଲିକ, ପୁରୁଷୋତ୍ତମ ମିଶ୍ର, ବୋର୍ଡ ସଭ୍ୟ ପ୍ରଶାନ୍ତ କୁମାର ସାମଲ, ମହେଶ୍ୱର ଜେନା, ସଞ୍ଜୟ ରାଉତ, ଚାଷୀ ଫକୀର ଚରଣ ବିଶ୍ୱାଳ, ସର୍ବେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡିରେ ଧାନକିଣା ବେଳେ ଚାଷୀଙ୍କୁ ଶୋଷଣ

**ଭଦ୍ରକ ଅଫିସ, ୨୦।୧୨ –** ଭଦ୍ରକ ବ୍ଲକ କାଉପୁର ସମବାୟ ସମିତି ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ସୋମବାର ମଣ୍ଡିକୁ ଚାଷୀମାନେ ଧାନ ଆଣିଥିଲେ। ମଣ୍ଡିରେ ପହଞ୍ଚିଥିବା ମିଲରମାନେ ଧାନକୁ ତନଖି ସାଢ଼େ ୭ କେଜି କାଟିବା ପାଇଁ କହିଥିଲେ ଏବଂ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଷୀଙ୍କୁ ବସାଇ ରଖିଥିଲେ। କୁଇଣ୍ଟାଲ ପ୍ରତି ୬ କେଜି ଧାନ କାଟଣ କରିନେବେ ବୋଲି ଦାବି କରିଥିଲେ। ମିଲରଙ୍କ ଏଭଳି ନୀତି ଜାରି ରହିଲେ ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଆର୍ତ୍ତତ୍ରାଣ ତିଓ୍ୱାରୀ, ସୀତାକାନ୍ତ ସାହୁ, ସୁକାନ୍ତ କୁମାର ସାହୁ, ସତ୍ୟରଞ୍ଜନ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଜିଲା ଯୋଗାଣ ବିଭାଗୀୟ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ସମାଧାନ ପାଇଁ ଉଦ୍ୟମ କରିଥିଲେ।



## ସଂକ୍ଷେପରେ

### କାର-ବାଇକ୍ ଧକ୍କା: ୩ ଗୁରୁତର

ଠାକୁରମୁଣ୍ଡା/ଘସିପୁରା୨୦।୧୨ (ଡି.ଏନ.ଏ): ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ ସାତକୋଶିଆ ଘାଟି ନିକଟରେ ଗୁରୁବାର କାର୍ ଓ ବାଇକ୍ ମଧରେ ମୁହାମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ସମେତ ୨ ମହିଳା ଗୁରତର ହୋଇଛନ୍ତି। ସେମାନେ ହେଲେ ଖଇରା ଥାନା ଗଭାରା ଗ୍ରାମର ଲକ୍ଷ୍ମୀଧର ମହାକୁଡ(୩୦) ଘୁଲୁଘୁଳିଆ ଗ୍ରାମର ସଞ୍ଜୁଲତା ସୋରେନ ଓ ସୂର୍ଯ୍ୟ କୁଲଡି। ସେମାନେ ବାଇକ୍ (ଓଆର-୦୧ୟୁ-୩୪୯୮) ରେ ସାତକୋଶିଆ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଗୁରୁତର ହୋଇପଡିଥିବା ୩ ଜଣଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧରେ ୨ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମହୁଲଡିହା ପୋଲିସ ଦୁର୍ଘଟଣା ଗ୍ରସ୍ତ କାର ଓ ବାଇକ୍‌କୁ ଜବତ କରିଛି।

### ୨ ଟ୍ରକ ଧକ୍କା: ଜଣେ ମୃତ



ଭଣ୍ଡାରିପୋଖରୀ, ୨୦।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ମଜୁରିଗଡିଆ ଛକ ନିକଟରେ ଗୁରୁବାର ଭୋର ସମୟରେ ଦୁଇ ଟ୍ରକ ଧକ୍କାରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ରୂପ୍‌ସାସ୍ଥିତ ମିରିଙ୍ଗିମୁଣ୍ଡା ଗ୍ରାମର ଅଜିତ କୁମାର ବେହେରା(୩୦)। ବାଲେଶ୍ୱର ପଟୁ କଟକ ଆଡ଼କୁ ଯାଉଥିବା ଟ୍ରକ ଆଗରେ ଯାଉଥିବା ଅନ୍ୟ ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକ ଅଜିତଙ୍କୁ ଗୁରୁତର ଅବସ୍ଥାରେ ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଧାମନଗର ଥାନାରେ ଏକ ମାମଲା(ନଂ.୨୧୬/୧୮) ରୁଜୁ କରାଯାଇଛି।

# ଟ୍ରଲିକୁ ଧକ୍କା ଦେଲା ଆମ୍ବୁଲାନ୍ସ, ଉତ୍ତେଜନା

ବଡ଼ସାହି,୨୦।୧୨(ସ୍ୱ.ପ୍ର)

ବଡ଼ସାହି ଥାନା ଅଧୀନ ଚାଉଳିଆଶୋଳ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ୧୦୮ ଆମ୍ବୁଲାନ୍ସ ଏକ ଟ୍ରଲିକୁ ଧକ୍କା ଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲ। ଉତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏଥିରେ ଆମ୍ବୁଲାନ୍ସ ଚାଳକ, ଫାର୍ମାସିଷ୍ଟ ଓ କର୍ମଚାରୀଙ୍କ ସମେତ ମୋଟ ୬ଜଣ ଆହତ ହୋଇ ବାରିପଦା ଡ଼ାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ତେବେ ଆକ୍ରମଣକାରୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୧୦୮ ଆମ୍ବୁଲାନ୍ସ ଚାଳକ/କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଉଦଳାରୁ ଏକ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ବାରିପଦା ଯାଉଥିବା ବେଳେ ବୁଧବାର ରାତିରେ ଚାଉଳିଆଶୋଳ ନିକଟରେ ଏକ ଟ୍ରଲିକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପରେ ବାରିପଦାରୁ ଅନ୍ୟ ଏକ ଆମ୍ବୁଲାନ୍ସକୁ ଡ଼କାଇ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଥିଲା। ଉକ୍ତ ସମୟରେ ଖବର ପାଇ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଏକତ୍ରିତ ହୋଇ ଉଭୟ ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଫାର୍ମାସିଷ୍ଟ ବେଣୁଧର ମହାନ୍ତି, ମାନସ ଦାଶ, ଚାଳକ ପ୍ରଶାନ୍ତ ପାତ୍ର, ମନୋଜ ବେହେରା, ଆଟେଣ୍ଡାଣ୍ଟ ସାଗର ମୁଦୁଲି ଓ ଲକ୍ଷ୍ମଣ ନାଥ ଆକ୍ରମଣରେ ଆହତ ହୋଇ ସେଠାରୁ ଦୌଡ଼ି ପଳାଇଥିଲେ । ଖବର ପାଇ ବଡ଼ସାହି ଥାନା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନାରେ ଭର୍ତ୍ତି କରିଛି। ଖବର ପ୍ରଚାରିତ ହେବା ପରେ ୧୦୮ ଆମ୍ବୁଲାନ୍ସ ଚାଳକ/କର୍ମଚାରୀ ସଂଘ ଘଟଣାକୁ ନିନ୍ଦା କରିବା ସହିତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି । ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ କର୍ମଚାରୀ ସଂଘ ପକ୍ଷରୁ ସମୂହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବଡ଼ସାହି ପୋଲିସ୍ ଉଭୟ ପକ୍ଷଙ୍କୁ ଡକାଇ ଘଟଣାର ତଦନ୍ତ ଚଳାଇଛି।



ଆହତ ଆମ୍ବୁଲାନ୍ସ କର୍ମଚାରୀମାନେ।

- ୬କର୍ମଚାରୀଙ୍କୁ ପିଟିଲେ ଲୋକେ
- ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ

# ପାନ୍ କାର୍ଡ ଅଫିସରୁ ୩୦ ହଜାର ଲୁଟ୍

ଭଦ୍ରକ ଅଫିସ, ୨୦।୧୨

ଭଦ୍ରକ ଏସ୍‌ପିଙ୍କ ଅଫିସ ସ୍ଥିତ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ବୁଧବାର ରାତିରେ ଲୁଟ୍ ଉଦ୍ୟମ ସହ ନିକଟରେ ଥିବା ପାନ୍ କାର୍ଡ ଅଫିସରୁ ୩୦ ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟେରାମାନେ ପାନ୍ କାର୍ଡ ଆବେଦନ ଅଫିସ ତାଲା ଭାଙ୍ଗି ଟଙ୍କା ନେବା ପରେ ନିଜ ଜୋତା ଓ ଲୁଗା ଭର୍ତ୍ତି ବ୍ୟାଗ୍ ଛାଡ଼ି ଫେରାର ହୋଇଯାଇଛନ୍ତି। ଟାଉନ ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାର ତଦନ୍ତ ଚଳାଇଥିବା ବେଳେ ଲୁଟେରାଙ୍କ ପତ୍ତା ମିଳିପାରି ନାହିଁ। ସୂଚନା ଅନୁସାରେ, ଲୁଟେରାମାନେ ଭଦ୍ରକ ସହର ନରିପୁରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ପାଚେରି ନିକଟରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍‌ର କ୍ୟାସ୍‌ବକ୍ସ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିଲେ ମଧ ଟଙ୍କା ନେଇପାରି ନାହାନ୍ତି। ପରେ ସ୍ଥାନୀୟ ପାନ୍‌କାର୍ଡ ଆବେଦନ ଅଫିସ ତାଲା ଭାଙ୍ଗି ନଗଦ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ପହରା ଓ ସିସିଟିଭି କଭରେଜ ଏରକିଆ ଭିତରେ ଏଭଳି ଲୁଟ୍ ଉଦ୍ୟମ ସମସ୍ତଙ୍କୁ ଚକିତ କରିଛି। ପ୍ରକାଶଥାଉ କି, ୨ ମାସ ପୂର୍ବେ ଟାଉନ ଥାନାଠାରୁ ମାତ୍ର ୩୦ ମିଟର ଦୂରରେ ଥିବା ବ୍ଲକ କଲୋନୀ ପରିସରରୁ ଲୁଟେରାମାନେ ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟି ନେବାରେ ସକ୍ଷମ ହୋଇଥିଲେ। ଭଦ୍ରକ ସହରରେ ନିକଟରେ କାଳୀପୂଜାକୁ ବାଦ୍ ଦେଲେ ୧୦ରୁ ଊର୍ଦ୍ଧ୍ୱ ଲୁଟ୍ ହୋଇଥିବାବେଳେ ଜଣେ ମଧ ଲୁଟେରା ଧରାପଡ଼ି ନାହାନ୍ତି।

# ଭାଲୁ ଆକ୍ରମଣରେ ୨ ଭାଇ ଗୁରୁତର

ଠାକୁରମୁଣ୍ଡା,୨୦।୧୨(ଡି.ଏନ.ଏ)

ଆନନ୍ଦପୁର ଥାନା ଅନ୍ତର୍ଗତ ସୀମାନ୍ତ ମନୋହରପୁର ଗ୍ରାମପଞ୍ଚାୟତ ପାଲବଣୀ ଗ୍ରାମ ଜଙ୍ଗଲରେ ଭାଲୁ ଆକ୍ରମଣରେ ୨ ଭାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଦ୍ୱୟ ହେଲେ ପାଲବଣୀ ଗ୍ରାମ ଲଦ ହୋ(୩୦) ଓ ଆନନ୍ଦ ହୋ(୨୭)। ସେମାନେ ବୁଧବାର ଗ୍ରାମ ନିକଟ ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲେ । ଅପରାହ୍ନରେ ଘରକୁ ଫେରୁଥିବା ବେଳେ ମା ଭାଲୁ ସହିତ ୨ଛୁଆ ହାବୁଡରେ ପଡିଯାଇଥିଲେ । ଭାଲୁ ଆକ୍ରମଣରେ ଗୁରୁତର ହୋଇ ସେମାନେ ଜଙ୍ଗଲ ଭିତରେ ରାତି ସାରା ପଡିରହିଥିଲେ । ତା ପର ଦିନ ପରିବାର ଲୋକେ ଖୋଜାଖୋଜି କରି ସେମାନଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।






## ସଂକ୍ଷେପରେ

### କଳିଙ୍ଗା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ହାଟଡିହୀ,୨୦।୧୨(ଡି.ଏନ୍‌.ଏ.): ହାଟଡିହୀ ବ୍ଲକ କଳିଙ୍ଗା କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶିକ୍ଷକ ବିଜୟ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅମରେନ୍ଦ୍ର ଧଳ ଏବଂ ସମ୍ମାନିତ ଅତିଥି ଶିକ୍ଷକ ରତ୍ନାକର ପଣ୍ଡା, ନବ ଲେଙ୍କା, ଭଗବାନ ମିଶ୍ର, ବିନୋଦ ବିହାରୀ ପଣ୍ଡା, ପ୍ରଭାକର ବେହେରା, ନିରାକାର ଦାସ, ବିଦ୍ୟାଧର ଜେନା, ଅଭୟ ଜେନା, କୋଦଣ୍ଡଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ କର, ହରପ୍ରିୟା ମହାରଣା, ମଳୟ ଜେନା, ଦେବ ପ୍ରକାଶ ଜେନା, ଦେବକୀ ଜେନା, ଲୋପାମୁଦ୍ରା ଜେନା, ସୁପନା ଜେନା, ପୂଜା ସାହୁ, ଆକାଶ ଜେନା, ଲୀନା ଶଙ୍ଖୁଆ, ନିବେଦିତା ଜେନା, ଦେବକୀ ଜେନା, ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୃତ୍ୟୁଞ୍ଜୟ ପଲେଇ, ପ୍ରିୟଙ୍କ ସେନାପତି, ବାସନ୍ତି ସାହୁ, ସ୍ମୀତାଞ୍ଜଳୀ ଦାସ, ପ୍ରମୋଦ ବେହେରା, ପରେଶ ପରିଡା, ଅଞ୍ଜଳୀ ମହାଳିକ, ରବିନାରାୟଣ ସେଠୀ, ଦିପତେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧସିଲା ଆପ୍ରୋଚ ରୋଡ୍‌

ଚମ୍ପୁଆ, ୨୦।୧୨(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ବାଲିପୋଶିଠାରେ ନିର୍ମାଣାଧୀନ ପୋଲର ଆପ୍ରୋଚ ରୋଡ୍‌ ସାମୁଦ୍ରିକ ଝଡ଼ ବର୍ଷା ପେଥାଇରେ ଧସିଯାଇଛି। ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ବିପଦସଙ୍କୁଳ ଭାବେ ଛାତ୍ରୀଛାତ୍ର ରାସ୍ତା ପାର ହେଉଛନ୍ତି। ଗାଁକୁ ଏକ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସ୍ଥାନୀୟ ଅଧିବାସୀ ଘୋର ଅସୁବିଧା ଭୋଗୁଛନ୍ତି। ରୋଡ୍‌ ଧୋଇଯିବାର ୩ ଦିନ ବିତି ଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି।

ନିଶାଗୋଡ଼ିଆ ବାଲିପୋଶିଠାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏକ ପୋଲ ନିର୍ମାଣ ୨ ବର୍ଷ ହେଲା ଚାଲିଛି। ଯାତାୟାତ ସୁବିଧା ନିମନ୍ତେ ଏକ ଆପ୍ରୋଚ ରୋଡ୍‌ ନିର୍ମାଣ କରାଯାଇଥିଲା। ଲଘୁଚାପ ଜନିତ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଆପ୍ରୋଚ ରୋଡ୍‌ ଧସି ଯାଇଛି। ଠିକାଦାରଙ୍କ ଅବହେଳାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା ଉପରେ ଜଜପଶି, ପାରୁଡ଼ିପଶି, ଭୂଇଁପୁର, ଜାଳି ଆଦି ଅଞ୍ଚଳର ଲୋକ ବ୍ଲକ ମୁଖ୍ୟାଳୟକୁ ଯାତାୟାତ କରୁଥିଲେ। ଆପ୍ରୋଚ ରୋଡଟି ଧୋଇଯିବାରୁ ଲୋକଙ୍କୁ ଅନ୍ୟ ରାସ୍ତା ଦେଇ ବୁଲି କରି ଯାଉଛନ୍ତି। ଏ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମୁରଲୀ ପ୍ରସାଦଙ୍କୁ ପଚାରିବାରୁ ଠିକାଦାର ତୁରନ୍ତ ଉକ୍ତ ରାସ୍ତାକୁ ମୋରାମତି କରି ଯାତାୟାତର ସୁବିଧା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।



ଧୋଇ ହୋଇଯାଇଥିବା ଆପ୍ରୋଚ ରୋଡ।

- ବିପଦ ସଙ୍କୁଳରେ ଯାତାୟାତ
- ନିର୍ମାଣ କାର୍ଯ୍ୟରେ ଅବହେଳା

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଆନନ୍ଦପୁର, ୨୦।୧୨(ସ୍ୱ.ପ୍ର.)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନନ୍ଦପୁର ପକ୍ଷରୁ ବାର୍ଷିକ ଶିଶୁ ମହୋତ୍ସବ ସ୍ଥାନୀୟ ବ୍ରଜବନ୍ଧୁ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାର ଉନ୍ମେଷ ଓ ବିକାଶ ଲକ୍ଷ ନେଇ ଓଷ୍ଟା ପକ୍ଷରୁ ଅୟୋଜିତ ଶିଶୁ ଉତ୍ସବକୁ ଓଷ୍ଟା କେନ୍ଦୁଝର ଜିଲାର ପ୍ରାକ୍ତନ ସମ୍ପାଦକ ଶିକ୍ଷକ ନେତା ଚିନ୍ତାମଣି ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଷ୍ଟା ଆନନ୍ଦପୁରର କାର୍ଯ୍ୟକାରୀ ସଭାପତି ଫକୀରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତା ଭାବେ ପ୍ରଧାନ ଶିକ୍ଷକ ବିଜୟ ସୁର, ସମ୍ମାନିତ ଅତିଥି କାର୍ତ୍ତିକ ପ୍ରସାଦ ଶତପଥୀ, ବେଲାଳସେନ ପତି, ବିଷ୍ଣୁ ନାରାୟଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ଦେଖାଇଥିଲେ।

ଉଦଯାପନୀ ଦିବସରେ ଓଷ୍ଟା ଆନନ୍ଦପୁର ସଭାପତି ରାହାସ ବିହାରୀ ରାଉତ ସଭାପତିତ୍ୱ କରିଥିବାବେଳେ ଜିଲା ସଭାପତି ଶାନ୍ତନୁ ମିଶ୍ର ମୁଖ୍ୟ ଅତିଥି, ଓଷ୍ଟା ଜିଲା ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଗୌରବ କଲେଜ ଭୁବନେଶ୍ୱରର ନିର୍ଦ୍ଦେଶକ ସରୋଜ ପତି, ଜିଲା କାର୍ଯ୍ୟକାରୀ ସଦସ୍ୟ ଅନିରୁଦ୍ଧ ସେଠୀ, ପ୍ରଧାନ ଶିକ୍ଷକ ଟିକେଶ୍ୱର ବାହାଲ, କୃପାସିନ୍ଧୁ ଜେନା, ପ୍ରଦ୍ୟୁମ୍ନ ନାୟକ, ଉପେନ୍ଦ୍ର ଦାଶ, ଦୟାନିଧି ବ୍ରହ୍ମ, ଚତୁର୍ଭୁଜ ପହି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଷ୍ଟା ଆନନ୍ଦପୁରର ସମ୍ପାଦକ ପ୍ରଦୀପ ହଜାରୀ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ରଞ୍ଜନ କୁମାର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପଦ୍ମିନୀ ମିଶ୍ର, ସନ୍ଧ୍ୟାରାଣୀ ପଣ୍ଡା, ଗାୟତ୍ରୀ ଚକ୍ର, ପଦ୍ମାବତୀ ନାୟକ, ଶ୍ୱେତଲୀନା ମହାପାତ୍ର, ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା, ଜ୍ୟୋତିପ୍ରକାଶ ରାମ, ପ୍ରଦୀପ ମିଶ୍ର, ପ୍ରାଣନାଥ କାହାଳୀ, ନରେନ୍ଦ୍ର ସାହୁ, ନବ କିଶୋର ସାହୁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର

ରାଇସୁଆଁ, ୨୦।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ରୁଗୁଡି ସାହିରେ ୩ ଶହରୁ ଉର୍ଦ୍ଧ୍ୱ ପରିବାରଙ୍କ ପାଖରେ ସରକାରୀ ଯୋଜନା ଅପହଞ୍ଚ ହୋଇଛି। ପଲିଥିନ ତଳେ ଆଶ୍ରୟ ନେଉଛନ୍ତି। ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ନେଇ ନଭେମ୍ବର ୧୯ରେ ଧରିତ୍ରୀରେ ଏଠି ସବୁ ଯୋଜନା ଅପହଞ୍ଚ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଭୁବନେଶ୍ୱରରୁ କେତେ ଜଣ ସ୍ୱେଚ୍ଛାସେବୀ କର୍ମୀ ଆସି ଉକ୍ତ ଗାଁର ଅଧିବାସୀଙ୍କ ଅବସ୍ଥା ଦେଖି ଥିଲେ। ଏ ନେଇ ସେମାନେ ସଦର ବିଡିଓ ଆଦିକନ୍ଦ ବେହେରାଙ୍କୁ ଅବଗତ କରାଇଥିଲେ। ପ୍ରଶାସନିକ ତତ୍ପରତା ପ୍ରକାଶ କରି ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଯୋଗାଇ ଦେବା ସହ ବିଜୁ ପକା ଘର, ପ୍ରଧାନମନ୍ତ୍ରୀ ଆବାସ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ସ୍ଥାନୀୟ ଜନସାଧାରଣ ଧରିତ୍ରୀକୁ ସାଧୁବାଦ ଜଣାଇଛନ୍ତି।

### ■ ହାତୀ ପାଇଁ ଅନ୍ଧାରରେ ରୋଇଡ଼ାବାସୀ

# ବନ କାର୍ଯ୍ୟାଳୟ ଘେରାଉ

ବଡ଼ବିଲ, ୨୦।୧୨(ସ୍ୱ.ପ୍ର.)

ବଡ଼ବିଲ ବନାଞ୍ଚଳ ଅନ୍ତର୍ଗତ କୋହ୍ଲରୋଇଡ଼ା, ଭୂୟାଁ ରୋଇଡ଼ା, ଚୋରମାଳଦା ଓ ବିଛାକୁଣ୍ଡି ଅଞ୍ଚଳରେ ଜଙ୍ଗଲୀ ହାତୀ ଚଳପ୍ରଚଳ ହେଉଥିବାରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଉଛି। ରୋଇଡା ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଏହାର ବିରୋଧ କରି ରୋଇଡା ଗ୍ରାମବାସୀ ଗୁରୁବାର ଅପରାହ୍ନରେ ବଡବିଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ବିଦ୍ୟୁତ ବିଚ୍ଛିନ୍ନ କରାଯାଉଛି। ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଠପଢାରେ ବ୍ୟାଘାତ ହେଉଛି। ବନ ବିଭାଗ ଉକ୍ତ ହାତୀଙ୍କୁ ଘଉଡାଇବାରେ ବିଫଳ ହେଉଛି। କେତେ ଦିନ ତଳେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏ ନେଇ ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ କହିଛନ୍ତି, ହାତୀଙ୍କୁ ଘଉଡାଇବା ନିମନ୍ତେ ବନ ବିଭାଗ ଚେଷ୍ଟା ଜାରି ରଖିଛି। ଗୋଟିଏ ମାଈ, ଗୋଟିଏ ଦନ୍ତା ଓ ଏକ ହାତୀ ଛୁଆ ରହିଛନ୍ତି। ସେମାନଙ୍କୁ ଘଉଡାଇଲେ କୋହ୍ଲ ରୋଇଡା, ଭୂୟାଁ ରୋଇଡା, ବିଛାକୁଣ୍ଡି ଓ ଚୋରମାଳଦା ଆଡକୁ ପଳାୟନ କରୁଛନ୍ତି। ଏ ନେଇ ବଡବିଲ ବିଦ୍ୟୁତ ବିଭାଗ ସବଡିଭିଜନାଲ ଅଫିସର କାହ୍ନୁ ଚରଣ ସର୍ଦ୍ଦାର କୁହିଛନ୍ତି, ସନ୍ଧ୍ୟା ୭ଟାରୁ ସକାଳ ପର୍ଯ୍ୟନ୍ତ ଗତ କେତେ ଦିନ ହେଲା ହାତୀ ଚଳପ୍ରଚଳ କରୁଥିବା ସୂଚନା ପାଇ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ବିଦ୍ୟୁତ୍‌ ବିଚ୍ଛିନ୍ନ କରିବାକୁ କୌଣସି ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ହୋଇନାହିଁ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ବିଦ୍ୟୁତ ବିଚ୍ଛିନ୍ନ କରାଯାଉଛି।

# ବାର୍ଷିକ ସମାରୋହରେ 'ସକାଳ ସାଥୀ' ଉନ୍ମୋଚିତ

କେନ୍ଦୁଝର, ୨୦।୧୨(ସ୍ୱ.ପ୍ର.)

ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ସମାଜ ଗଠନ ଦିଗରେ କାର୍ଯ୍ୟ କରୁଥିବା ମା' ତାରିଣୀ ୱାକର୍ସ କ୍ଲବର ସପ୍ତମ ବାର୍ଷିକ ସମାରୋହ ତୈଳିକ ବୈଶ୍ୟ ସମାଜରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଡ. ପି.ସି. ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ୱାକର୍ସ ଇଣ୍ଟର ନ୍ୟାସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଇଂ କେଶବ ଚନ୍ଦ୍ର ଦାସ ଯୋଗଦେଇ ସ୍ୱାସ୍ଥ୍ୟ ଭିତ୍ତିକ ସେବା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବନ ବିହାରି ମିଶ୍ର ନିରାମୟ ଜୀବନ ଯାପନ ପାଇଁ ୱାକର୍ସ କ୍ଲବର ଉଦ୍ୟମକୁ ପ୍ରଶଂସା କରିଥିଲେ। ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ଚୌଧୁରୀ ବିବରଣୀ ପାଠ କରିଥିଲେ। କ୍ଲବର ମୁଖପତ୍ର 'ସକାଳ ସାଥୀ' ଉନ୍ମୋଚିତ ହୋଇଥିଲା।

ପୂର୍ବତନ ବିଧାୟକ କାହ୍ନୁ ଚରଣ ନାଏକଙ୍କୁ କ୍ଲବର ଆଦର୍ଶ ପୂଜା ସମ୍ମାନ ଏବଂ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରିଙ୍କୁ ଶ୍ରେଷ୍ଠ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଧନଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ଦାସ, ଭାଗୀରଥି ସାହୁ, ସୁଶିଲ ସାହୁ, ଆର୍ତ୍ତ ରାଉତ, ନଣ୍ଡା ପଟ୍ଟନାୟକ, ପରମେଶ୍ୱର ପାତ୍ର, ପରିଚାଳନାରେ ସହଯୋଗ କରିଥିଲେ।

# ପରୀକ୍ଷା ପରିଚାଳନାକୁ ନେଇ ଛାତ୍ର ଅଶାନ୍ତି

ତେଲକୋଇ, ୨୦।୧୨(ଡି.ଏନ.ଏ.)

ତେଲକୋଇ ମୁଖ୍ୟାଳୟରେ ଥିବା ଚାରିଗଡ ମହାବିଦ୍ୟାଳୟରେ ଯୁକ୍ତ ୩ କଳା, ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା ପରିଚାଳନାକୁ ନେଇ ବୁଧବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସାନ୍ତି ଦେଖା ଦେଇଛି। ଏ ନେଇ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପରୀକ୍ଷ ପରିଚାଳନା କାର୍ଯ୍ୟକୁ ନେଇ ଛାତ୍ରୀଛାତ୍ର ତଦନ୍ତ ଦାବି କରିଛନ୍ତି। ଚାରିଗଡ଼ ମହାବିଦ୍ୟାଳୟର ଅଧକ୍ଷ ମାନଗୋବିନ୍ଦ ସାହୁଙ୍କୁ ପଚାରିବାରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ■ ବ୍ୟଞ୍ଜନ ଏକାଦଶୀ ପୂଜା

# ଲାଗି ହେଲା ୭୯ ପ୍ରକାରର ବ୍ୟଞ୍ଜନ

କେନ୍ଦୁଝର, ୨୦।୧୨(ସ୍ୱ.ପ୍ର.)

ଗୁରୁବାର ବ୍ୟଞ୍ଜନ ଏକାଦେଶୀ ଉପଲକ୍ଷେ ସ୍ଥାନୀୟ ସିଦ୍ଧମଠରେ ଥିବା ଶ୍ରୀସିଦ୍ଧ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଜିଲାର ଅନ୍ୟତମ ବହୁ ପୁରାତନ ମନ୍ଦିରର ସିଦ୍ଧ ଜଗନ୍ନାଥଙ୍କ ନବକଳେବର ୨୦୧୫ରେ ଅନୁଷ୍ଠିତ ହୋଇଥିଲା। ବ୍ୟଞ୍ଜନ ଏକାଦଶୀ ପୂଜା ପାଳିତ ହୋଇ ଆସୁଛି। ସକାଳୁ ମନ୍ଦିର ପୂଜକ, ସେବାୟତ ଓ ବ୍ରାହ୍ମଣ ପୂଜାର୍ଚ୍ଚନା କରି ୭୯ ପ୍ରକାରର ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ପୂଜା ଲାଗି କରିଥିଲେ। ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି।

ବିଭିନ୍ନ ପ୍ରକାରର ଖିଚୁଡି, ଖିରୀ, କାକରା, ଆରିସା, ବଡି ଆଦି ପ୍ରସ୍ତୁତ କରାଯାଇ ଭୋଗ ଲାଗି କରାଯାଇଥିଲା। ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ଶ୍ରୀସିଦ୍ଧ ଜଗନ୍ନାଥଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟରେ ଦ୍ୱାରିକା ପ୍ରସାଦ ରଥ, ମଧୁସୂଦନ ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ରମେଶ ଚନ୍ଦ୍ର ଦାସ, ଆନନ୍ଦ ପ୍ରସାଦ ଖଣ୍ଡେଇ, ସଚିଦାନନ୍ଦ ମହାପାତ୍ର, ରାମକୃଷ୍ଣ ମହାପାତ୍ର ସମେତ ଅନ୍ୟ ପୂଜକ, ବ୍ରାହ୍ମଣ ଓ ସେବାୟତ ନିୟୋଜିତ ରହିଥିଲେ। ଉପଜିଲାପାଳ ସୋମନାଥ ପ୍ରଧାନ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଭକ୍ତ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବଡ଼ରଣ୍ଠାସରେ ଖୋଲିଲା ଧାନମଣ୍ଡି



**ହାଟଡ଼ିହୀ, ୨୦।୧୨(ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ବଡ଼ରଣ୍ଠାସ୍ ସମବାୟ ସମିତିରେ ଧାନମଣ୍ଡିର ଉଦ୍‌ଘାଟିତ ହୋଇଛି। ଏହି ସମବାୟ ସମିତି ଉପରେ ୩୦ ଗ୍ରାମର ଚାଷୀ ନିର୍ଭର କରନ୍ତି। ପ୍ରଥମ ପର୍ଯ୍ୟାୟରେ ୧୨୨୦.୨୭ କୁଇଣ୍ଟାଲ୍ ଧାନ କିଣିବାର ଧାର୍ଯ୍ୟ ହୋଇଛି। ୧୩୧୦ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ସମିତି ସଭାପତି ଉପେନ୍ଦ୍ର ସେନାପତି, ସମ୍ପାଦକ ସୁରେନ୍ଦ୍ର ରଣା, ସମିତି ନିର୍ଦ୍ଦେଶକ ଭୀମସେନ ପେରେଇ, ନାରଣ ବେହେରା, ସନ୍ତୋଷ ଜେନା, ବୃନ୍ଦାବନ ସାହୁ, ବନମାଳି ସେନାପତି, ପର୍ଶୁରାମ ରାଉତ, ସରୋଜିନୀ ସ୍ୱାଇଁ, ସତ୍ୟଭାମା ଜେନା, ନିତ୍ୟାନନ୍ଦ ସାହୁ, ସମିତିର କର୍ମଚାରୀ ବିଦ୍ୟାଧର ନାୟକ, ମନୋରଞ୍ଜନ ସାହୁ, ଦିଲ୍ଲୀପ ସ୍ୱାଇଁ, ପ୍ରଫୁଲ୍ଲ ଜେନା, ମଦନ ମୋହନ ଜେନା ପ୍ରମୁଖଙ୍କ ସମେତ ଆର୍‌ଆଇ, ଏମ୍‌ଆଇ, ଭିଏଲଡବ୍ଲ୍ୟୁ, କୃଷି କର୍ମଚାରୀ ଏବଂ କୃଷକ ଉପସ୍ଥିତ ଥିଲେ।

### ଯୁବକଙ୍କୁ ମାଡ଼ମାରି ୨ ଗିରଫ

**ପାଟଣା, ୨୦।୧୨(ସ୍ୱ.ପ୍ର.):** ପାଟଣା ବ୍ଲକ ଚେମେଣା ପଞ୍ଚାୟତ ବଳିଆପଶି ଗ୍ରାମରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ୨ ବ୍ୟକ୍ତିଙ୍କୁ ତୁରୁମୁଙ୍ଗା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ଉକ୍ତ ଗ୍ରାମର ଭାସ୍କର ନାଏକ ଓ କର୍ଣ୍ଣ ନାଏକ। ଯୁବକ ଭାଗୀରଥି ମହାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୨୮/୧୮) ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘରେ ପଶି ଭାଗୀରଥିଙ୍କୁ ପୂର୍ବାହ୍ନରେ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି।

### ଟାଙ୍କି ଅଛି, ପାଣି ପାଉ ନାହାନ୍ତି ଲୋକେ

**ତେଲକୋଇ, ୨୦।୧୨(ଡି.ଏନ.ଏ.):** ତେଲକୋଇ ମୁଖ୍ୟାଳୟରେ ଥିବା ସାପ୍ତାହିକ ହାଟ ପଡ଼ିଆରେ ଜିଲା ବିଏମ୍‌ସି ଦ୍ୱାରା ଗୃହ ନିର୍ମାଣ ସାଙ୍ଗକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ୫ ଲକ୍ଷ ଟଙ୍କା ଦ୍ୱାରା ଟାଙ୍କି ନିର୍ମାଣ ହୋଇଛି। ହାଟକୁ ଆସୁଥିବା ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ହାଟ ସଲଗ୍ନ ପାତ୍ର ସାହି, ନାଏକ ସାହି ଲୋକେ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ସାମାକୋଇ ନଦୀ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଉକ୍ତ ସାପ୍ତାହିକ ହାଟରୁ ପ୍ରତିମାସ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହେଉଛି। ଅର୍ଥକୁ ଜିଲା ବିଏମସି ନେଉଛି। ହାଟ ପାଇଁ ଗୃହ, ପାନୀୟଜଳ ଯୋଗାଣ ପାଇଁ ଅର୍ଥ ଯୋଜନା ରହିଛି। କେବଳ କେତେ ଘର ନିର୍ମାଣ କରାଯାଉଛି। ପାନୀୟଜଳର ବ୍ୟବସ୍ଥା କରାଯାଉନି। ସ୍ଥାନୀୟ ସରପଞ୍ଚ ମାନସ ନାଏକଙ୍କୁ ପଚାରିବାରୁ ବିଏମସିକୁ ତଦନ୍ତ ପାଇଁ କୁହାଯାଇଛି ବୋଲି ସେ କହିଛନ୍ତି। ଜିଲା ବିଏମ୍‌ସି ସେକ୍ରେଟାରୀଙ୍କୁ ପଚାରିବାରୁ ଟାଙ୍କି ପାଖରେ ଏକ କୂଅ ଖୋଳା ଗଲେ ପାନୀୟଜଳ ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

### ବୀଣାପାଣି କଳା ନିକେତନ କଳାକାର ସମ୍ବର୍ଦ୍ଧିତ

**ଘସିପୁରା, ୨୦।୧୨:** ଘସିପୁରା ଶାଳପଡାର ବୀଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁରଠାରେ ଅଷ୍ଟମ ଏକାମ୍ର ପୁସ୍ତକ ମେଳାରେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ନୃତ୍ୟଗୁରୁ ଓ କଳାକାରଙ୍କୁ ସମ୍ମାନିତ କରାଯାଇଛି। ନୃତ୍ୟଗୁରୁ ଜିତୁ ଦାସଙ୍କ ସଂଯୋଜନାରେ ନୃତ୍ୟ ଶିଳ୍ପୀମାନେ ବିଭିନ୍ନ ନୃତ୍ୟାଭିନୟ ପରିବେଷଣ କରିଥିଲେ। ସମ୍ବଲପୁରୀ, ପଲ୍ଲୀ ନୃତ୍ୟକୁ ଉପସ୍ଥାପନା କରାଯାଇଥିଲା। ଏକାମ୍ର ପୁସ୍ତକ ମେଳା ପକ୍ଷରୁ ନୃତ୍ୟ ଗୁରୁ ଜିତୁଙ୍କୁ ନୃତ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ମନୋରଞ୍ଜନ ଦାସ, ସମ୍ମାନିତ ଅତିଥି ପ୍ରଫେସର ଜଗମୋହନ ସାହୁ, ମନସ୍ୱିନୀର ସମ୍ପାଦକ କବି ସାରଥୀ ଡ. ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର ଯୋଗ ଦେଇଥିଲେ। ଉତ୍ତରୀୟ ଓ ମାନପତ୍ର ଦେଇ ନୃତ୍ୟ ଗୁରୁ ଜିତୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅତିଥିଗଣ ସମସ୍ତ କଳାକାରଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ।

■ ବୈତରଣୀରେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ଘଟଣା

# ୫ ଦିନ ପରେ ମୃତଦେହ ଠାବ

**ଆନନ୍ଦପୁର/ଘସିପୁରା, ୨୦।୧୨(ସ୍ୱ.ପ୍ର.)**



ନଦୀ ଘାଟରୁ ବୈଲୋଚନଙ୍କୁ ଉଦ୍ଧାର କରାଯାଉଛି।

ବୈତରଣୀର ଆନନ୍ଦପୁର ବ୍ୟାରେଜ ଘାଟରେ ବୁଡ଼ି ୫ ଦିନ ହେଲା ନିଖୋଜ ଥିବା ଇଞ୍ଜିନିୟରିଂ ଛାତ୍ର ବୈଲୋଚନ ସାମଲଙ୍କ ମୃତଦେହ ଗୁରୁବାର ସକାଳେ ଠାବ ହୋଇଛି। ମୃତ ବୈଲଲୋଚନଙ୍କ ଘର ଯାଜପୁର ଟାଉନ ଅଳଙ୍ଗ ଗ୍ରାମରେ। ଆନନ୍ଦପୁର ବୈତରଣୀ ନଦୀର ଡଙ୍ଗା ଘାଟରେ ମୃତଦେହ ଲାଗିଥିବା କେତେକ ଲୋକ ଦେଖି ଆନନ୍ଦପୁର ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଛାତ୍ରଙ୍କ ମୃତଦେହକୁ ଉଦ୍ଧାର ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନିଖୋଜ ଘଟଣାକୁ ନେଇ ଲାଗିରହିଥିବା ନାନା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ମୃତକଙ୍କ ପରିବାର ଲୋକ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ରବିବାର ବୈଲୋଚନ ଏବଂ ତାଙ୍କ ସାଙ୍ଗ ଢେଙ୍କାନାଳ ଅଞ୍ଚଳର ବିଭୁ ପ୍ରସାଦ ବେହେରା ଓ ଘସିପୁରା ଥାନା କଇନିପୁରା ଅଞ୍ଚଳର ବିପୁ ପ୍ରଦାନନ୍ଦ ପ୍ରଧାନ ଘଟଗାଁ ତାରିଣୀ ଦର୍ଶନକୁ ଯାଉଥିଲେ। ଆନନ୍ଦପୁର ବ୍ୟାରେଜ ଘାଟରେ ଗାଧୋଇବା ପାଇଁ ଅଟକିଥିଲେ। ତାଙ୍କ ସାଙ୍ଗଙ୍କ କହିବା ଅନୁଯାୟୀ, ବୈଲୋଚନ ନଦୀ ସ୍ରୋତ ସ୍ଥାନକୁ ଯାଇଥିଲେ। ସାଙ୍ଗଙ୍କୁ ଫଟୋ ଉଠାଇବା ପାଇଁ କହିଥିଲେ। ଠିକ୍ ସେହି ସମୟରେ ତାଙ୍କ ପିନ୍ଧା ଗାମୁଛା ଖସିଯାଇଥିଲା। ସେ ଅସାବଧାନତା ବସତଃ ନଦୀର ସ୍ରୋତରେ ଚାପି ହୋଇଯାଇଥିଲେ। ୨ ଦିନ ଧରି ଆନନ୍ଦପୁର ଓ ଘସିପୁରା ଅଗ୍ନିଶମ କର୍ମଚାରୀ ବହୁ ଖୋଜାଖୋଜି କରିଥିଲେ। କୌଣସି ପତ୍ତା ନ ମିଳି ନ ଥିଲା। ମୃତ ବୈଲୋଚନ କଟକର ଏକ ଘରୋଇ ଇଞ୍ଜିନିୟରିଂ ସ୍କୁଲର ଦ୍ୱିତୀୟ ବର୍ଷର ମେକାନିକାଲ ଡିପ୍ଲୋମା ଛାତ୍ର ବୋଲି ଜଣାଯାଇଛି।



ଦୌଡ଼ରେ ଭାଗ ନେଇଥିବା ଖେଳାଳି।

## ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଚମ୍ପୁଆ, ୨୦।୧୨(ଡି.ଏନ.ଏ.)**

ଚମ୍ପୁଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂପୁର ଚାନ୍ଦଗୋଟିଆ, ସମ୍ମାନିତ ଅତିଥି ଭାବେ ଆଇଆଇସି ସୁମିତ କୁମାର ସୋରେନ ଓ ବିଦ୍ୟାଳୟ ଅଧକ୍ଷ ଦୀପିକା ଭୂୟାଁ ପ୍ରମୁଖ ଯୋଗଦେଇ ଶିକ୍ଷା ସହ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି କହିଥିଲେ। ଏହି କ୍ରୀଡ଼ା ଆଜି ଭାରତ ଭଳି ଦେଶରେ ବହୁ ସୁଯୋଗ୍ୟ ଖେଳାଳି ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଆଇଆଇସି ସୋରେନ ହୁଇସିଲ ମାରି ଟ୍ରାକ କ୍ରୀଡ଼ାର ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦, ୨୦୦, ୮୦୦ ମିଟର, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ ଆଦି ଖେଳ ହୋଇଥିଲ। ଖେଳରେ ଉଭୟ ବାଳିକାବାଳିକ ସାମିଲ ହୋଇଥିଲେ।

## କଲେଜ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ



ଛାତ୍ରୀମାନେ ତାଲିମ ନେଉଛନ୍ତି।

**ହାଟଡିହୀ, ୨୦।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡ଼ଙ୍ଗ ଆଞ୍ଚଳିକ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର ଅଧକ୍ଷ ସୁବ୍ରତ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଟ୍ରେନର ଭାବେ ସାସ୍ୱତୀ ନାୟକ, ହିମାସ୍ୱୀ ସ୍ୱାଇଁ ଯୋଗ ଦେଇଥିଲେ। ମୋଟ ୬୦ ଛାତ୍ରୀ ତାଲିମ ନେଉଛନ୍ତି। କାର୍ଯ୍ୟକ୍ରମକୁ ଆଲୋକ ଭୋଇ, ଅତୁଲ ଚରଣ ଜେନା ପରିଚାଳନା କରୁଛନ୍ତି। ଅନାଥ ଚରଣ ସେଠୀ, ପୁଷ୍ପିତା ପହି, ସ୍ୱାଗତୀକା ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ବିଷ୍ଣୁ ଚରଣ ମହାରଣା, ରବି ବଳ, ରାଧାଶ୍ୟାମ ସାହା, ପ୍ରଫୁଲ୍ଲ ପଡିଆରୀ ପ୍ରମୁଖ ଶିବର ପରିଚାଳନାରେ ସହଯୋଗ କରୁଛନ୍ତି।

## ଜିଲାସ୍ତରୀୟ ଦୌଡ଼କୁଦରେ ଛାତ୍ରଙ୍କ କୃତିତ୍ୱ

**ଆନନ୍ଦପୁର, ୨୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଘସିପୁରା ବ୍ଲକ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଯୁକ୍ତ ୩ ଶେଷ ବର୍ଷ ବିଜ୍ଞାନ ଛାତ୍ର ଦୀପୁନ ସାହୁ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ୧୦୦ ମି. ଓ ୨୦୦ ମି. ଦୌଡରେ ପ୍ରଥମ ସ୍ଥାନ ଅଧିକାର କରିବିରଳ କୃତିତ୍ୱ ହାସଲ କରିଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମହାନ୍ତି ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଦୀପୁନ ରାଜ୍ୟ ସ୍ତରୀୟ ଖେଳକୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱକୁ ନେଇ ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ଓ ଛାତ୍ରୀଛାତ୍ରୀ ଉତ୍ସାହିତ ହୋଇଛନ୍ତି। ତାଙ୍କର ଉତ୍ତୋରତର କାମନା କରିଛନ୍ତି।

## ମୃତଦେହ ଜବତ, ହତ୍ୟା ସନ୍ଦେହ

**ଯୋଡ଼ା, ୨୦।୧୨(ଡି.ଏନ.ଏ.)**



ମୃତଦେହ ନିକଟରେ ଗ୍ରାମବାସୀ।

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଜାଙ୍ଗ ପାଟେରି ସାହି ନିକଟ ଏକ ବିଲରୁ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଜଜାଙ୍ଗର ବେଲମତୀ ମୁଣ୍ଡା। ବୁଧବାର ବେଲମତୀ ଜୁରୁଡିସ୍ଥିତ ଏକ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସିଥିଲେ। ସେଠାରୁ ଯାଇ ଆଉ ଘରକୁ ଫେରି ନ ଥିଲେ। ସ୍ଥାନୀୟ ଲୋକେ ସକାଳେ ବିଲରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ଯୋଡ଼ା ଥାନା ଆଇଆଇସି ମନୋଜ ରାଉତ ଓ ବାମେବାରୀ ଥାନା ସବଇନ୍ସପେକ୍ଟର ପ୍ରତିଭା ମଞ୍ଜରୀ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ବେଲମତୀଙ୍କୁ କେହି ହତ୍ୟା କରିଥାଇ ପାରେ ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୧/୧୮) ରୁଜୁ ହୋଇଛି। କେନ୍ଦୁଝରରୁ ସନ୍ଧାନୀ କୁକୁର ଅଣାଯାଇ ଅନୁସନ୍ଧାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

■ ରାଜ୍ୟ ମହିଳା, ପୁରୁଷ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

## ପୁରୁଷରେ ୧୨, ମହିଳାରେ ୪ ଦଳ ସାମିଲ

**କେନ୍ଦୁଝର, ୨୦।୧୨(ସ୍ୱ.ପ୍ର.)**



ମହିଳା ଦଳ ପକ୍ଷରୁ ଖେଳ ପ୍ରଦର୍ଶନ କରାଯାଉଛି।

କେନ୍ଦୁଝରରେ ୩୨ତମ ରାଜ୍ୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍ ଗୁରୁବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୨ ପୁରୁଷ ଏବଂ ୪ ମହିଳା ହ୍ୟାଣ୍ଡବଲ ଦଳ ଯୋଗ ଦେଇଛନ୍ତି। ଉଦଘାଟନୀ ଦିବସର ପ୍ରଥମାର୍ଦ୍ଧରେ ଡିମ୍ବୋସ୍ଥିତ କେନ୍ଦୁଝର ଇଞ୍ଜିନିୟରିଂ କଲେଜ ପଡ଼ିଆଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କିଟ୍ ପୁରୁଷ ଦଳ ୧୮-୩ ଗୋଲ ବ୍ୟବଧାନରେ ନୟାଗଡ ଦଳକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଗାମ ପୁରୁଷ ଦଳ ୧୬-୬ ଗୋଲ ବ୍ୟବଧାନରେ ଢେଙ୍କାନାଳକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ୍‌ରେ ପୁରୀ ପୁରୁଷ ଦଳ ୧୪-୧୧ ଗୋଲରେ ପାରାଦ୍ୱୀପକୁ, ଚତୁର୍ଥ ମ୍ୟାଚ୍‌ରେ ଜଗତସିଂହପୁର ଦଳ ୧୮-୧୨ ଗୋଲରେ ଭୁବନେଶ୍ୱର ଦଳକୁ, ପଞ୍ଚମ ମ୍ୟାଚ୍‌ରେ ଯାଜପୁର ଦଳ ୧୯-୪ ଗୋଲରେ ନୟାଗଡକୁ ଏବଂ ବଲାଙ୍ଗୀର ଦଳ ୬-୫ରେ ଭୁବନେଶ୍ୱରକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ମହିଳା ହ୍ୟାଣ୍ଡବଲର ପ୍ରଥମ ମ୍ୟାଚ୍‌ରେ ଜଗତସିଂହପୁର ୧୮-୬ ଗୋଲରେ କିଟ୍‌କୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଗାମ ମହିଳା ଦଳ ୬-୧ ଗୋଲରେ ପାରାଦ୍ୱୀପକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି। ଉଦ୍‌ଘାଟନୀ ଉତ୍ସବରେ କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ସୁରେଶ ପାତ୍ର ମୁଖ୍ୟ ଅତିଥି, ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍ ତଥା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏସନ୍‌ର ଉପସଭାପତି ରିତ୍ୱିକ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ନାଏକ, ଶ୍ରୀପ୍ରସାଦ ରାୟ, ମନୋଜ ସାହୁ, ଚକାଡୋଳା ପାଣିଗ୍ରାହୀ, ପିଣ୍ଟୁ ବେହେରା, ସୁଶାନ୍ତ ମହାରଣା ଓ ବୈଶାଳୀ ଭୋଇ

## ପିସି ବିରୋଧରେ ଭାଜପାର ହରତାଳ

**କେନ୍ଦୁଝର, ୨୦।୧୨(ସ୍ୱ.ପ୍ର.)**

ଯୁବକଙ୍କୁ ରୋଜଗାର ଦାବିରେ ଏବଂ ପିସି ବିରୋଧରେ ଭାଜପା ଯୁବ ମୋର୍ଚ୍ଚା ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ହରତାଳ କରାଯାଇଛି। ଏକ ହେବା-ହକ ନେବା ସ୍ଲୋଗାନ ଦେଇ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଜିଲା ଯୁବମୋର୍ଚ୍ଚା ସଭାପତି ହେମରନ ବାରିକଙ୍କ ନେତୃତ୍ୱରେ କର୍ମୀ ଓ ନେତା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ଜିଲା ସଭାପତି ରାଧାକାନ୍ତ ମହାନ୍ତ, ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ଉପସଭାପତି ଲକ୍ଷ୍ମଣ ରାଉତ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସଞ୍ଜୟ ମହାନ୍ତି ଓ ଜିତେନ୍ଦ୍ର ପଲେଇ, ବନମାଳୀ ମହାନ୍ତ, ଦୁର୍ଗାଚରଣ ବାରିକ, ଶିବାନନ୍ଦ ସାହୁ, ଶୁଭେନ୍ଦୁ ବେହେରା, ରମେଶ ମୁଣ୍ଡା, କିରଣବାଳା ନାୟକ, ଶିବ ରାଠୋର ସମେତ ଅନ୍ୟମାନେ ସାମିଲ ଥିଲେ।

## ବାଲିବରେଇରେ ଜନସମ୍ପର୍କ ପଦଯାତ୍ରା



ଲୋକଙ୍କୁ ସଚେତନତା କରାଯାଉଛି।

**ହାଟଡିହୀ, ୨୦।୧୨(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ ବାଲିବରେଇରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋସୋ ଯଜ୍ଞ ମଣ୍ଡପ ନିକଟରୁ ବିଜେଡି କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ।

ଆୟୋଜିତ ବୈଠକରେ ଆନନ୍ଦପୁର ବିଧାୟକ ମାୟାଧର ଯେନା, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ବିମ୍ବାଧର ବିଶ୍ୱାଳ, ବ୍ଲକ ସଭାପତି ବିକ୍ରମ ବିଶ୍ୱାଳ, ବ୍ଲକ ଅଧକ୍ଷା ସଞ୍ଜୁଲତା ବିଶ୍ୱାଳ, ଉପାଧକ୍ଷ ନରେନ୍ଦ୍ର ନାୟକ, ଶତ୍ରୁଘନ ପାତ୍ର, ଅଭିମନ୍ୟୁ ସେଠୀ, ପ୍ରତିଭା ନାୟକ, କାଞ୍ଚନ ନାଇକ, ନରହରି ପାତ୍ର, ବିମଳ ଯେନା, ହାଡ଼ିବନ୍ଧୁ ଦେହୁରି, ସୋମନାଥ ଦାସ, ଆନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି ବିଜେଡି ସରକାରର ସଫଳତା ଉପରେ ମତବ୍ୟକ୍ତ କରିଥିଲେ। ଅଜିତ୍ ରାଉତ, ଚିନ୍ତାମଣି ମହାନ୍ତି, ଆନନ୍ଦ ନାୟକ, ଫେଡୁ ପଣ୍ଡା, ବସନ୍ତ ପଡିଆରୀ, ଗୋପାଳ ପଟ୍ଟନାୟକ, ନରୋତମ ଶତପଥୀ, ଦୁଶମନ୍ତ ମଲ୍ଲିକ ପ୍ରମୁଖଙ୍କ ସହ ବହୁ କର୍ମୀ ଉପସ୍ଥିତ ରହିଥିଲେ।

## ଛାତ୍ରୀଛାତ୍ରଙ୍କୁ ମିଳିଲା ପୋଷାକ

**ଝୁମ୍ପୁରା, ୨୦।୧୨(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଶୁଣ୍ଢିମୁରୁସୁଆଁ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୂର୍ଯ୍ୟମଣୀ ମାଝିଙ୍କ ଅଧକ୍ଷତାରେ ବ୍ଲକ ଶିକ୍ଷାଧିକାରୀ ଚତୁର୍ଭୂଜ ସେଠୀ, ଏବିଇଓ କମଳଲୋଚନ ବିଶ୍ୱାଳ, ବିଜୟାନନ୍ଦ ବେହେରା, ଉଜଳ ସାହୁ, ଅର୍ଣ୍ଣଳା ନାଏବ ସରପଞ୍ଚ ରଜନୀ ଲୋହାର ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ୨ହଳ ଲେଖାଏଁ ପୋଷାକ ଓ ଗୋଟିଏ ହଳ ଜୋତା ବଣ୍ଟନ କରାଯାଇଥିଲା।



ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଟ୍ରେଲର ଲାଗି ରାଜପଥ ଖୋଳା

**କେନ୍ଦୁଝର, ୨୦।୧୨(ସ୍ୱ.ପ୍ର.)**

ଏକ ଟ୍ରଲର ଯାତାୟାତ ପାଇଁ କେନ୍ଦୁଝର ଜିଲା ମୁଖ୍ୟାଳୟରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ବିନା ଅନୁମତିରେ ଜାତୀୟ ରାଜପଥକୁ ଖୋଳା ଯାଇଛି। ରାସ୍ତା ଖୋଳି ଏକ ଟ୍ରେଲରକୁ ପାର କରିବା ଉଦ୍ୟମକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜାତୀୟ ରାଜପଥ ନଷ୍ଟ ହେବା ସହ ବ୍ୟାପକ ରାଜସ୍ୱ କ୍ଷତି ହୋଇଛି। ଏହାର ଉଚ୍ଚ ସ୍ତରୀତ ତଦନ୍ତ ଦାବି ହୋଇଛି। ଗତ ୭ ହେବ ଏକ ଭାରିଯାନ କଲିକତା-ମୁମ୍ବାଇ ୪୯ ନମ୍ବର ଜାତୀୟ ରାଜପଥର କେନ୍ଦୁଝର ସହର ଦେଇ ଯାଇଥିଲା। ଜୁଡିଆ ଘାଟି ନିକଟ ୨୦ ନମ୍ବର ଜାତୀୟ ରାଜପଥରେ (ଓଭରବ୍ରିଜ) ନିର୍ମାଣ ହୋଇଥିବା ପୋଲ ତଳେ ଟ୍ରେଲର ଅଟକି ରହିଥିଲା। ବହୁ ଉଚ୍ଚର ଏଭଳି ଟ୍ରେଲର ଯାତାୟାତ ଉପରେ ପୋଲିସ କଟକଣା ନ କରି ଉକ୍ତ ଟ୍ରଲରକୁ ଯିବା ପାଇଁ ସହଯୋଗ କରିଥିବା ଅଭିଯୋଗ ହୋଇଛି। ରାସ୍ତାକୁ ୫ରୁ ୬ ଫୁଟ ଖୋଳାଯାଇ ଟ୍ରେଲରକୁ ପାର କରିବାକୁ ଉଦ୍ୟମ କରାଯାଇଛି।



ପୋଲତଳେ ଫସିଥିବା ଟ୍ରଲର।

ଟ୍ରେଲରଟି ପାର ହେଲା ବେଳେ ପୋଲରେ ଫସି ଯାଇଥିଲା। ଆଘାତ ଲାଗି ପୋଲ ଦୁର୍ବଳ ହୋଇଥିବା ଆଶଙ୍କା ରହିଛି। ଟ୍ରେଲରଟି ବେଆଇନ ଭାବେ ଯାଉଥିଲା ନା ପୋଲ ନୂଆଣିଆ ନିର୍ମାଣ ହୋଇଛି ତାହାକୁ ନେଇ ଆଲୋଚନା ହେଉଛି। ରାସ୍ତା ଖୋଳାଯିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ବିଦ୍ୟୁତ୍, ପାନୀୟଜଳ ଯୋଗାଣ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ବେଆଇନ ଭାବରେ ଟ୍ରଲର ପାର କରିବା ପାଇଁ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ସନ୍ଦେହ ହେଉଛି। ଏ ନେଇ ପୋଲିସ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜାଣି ନ ଥିବା କହୁଛନ୍ତି। ଏସଡିପିଓ ଶ୍ରୀହର୍ଷ ମିଶ୍ର କହିଛନ୍ତି ଯେ, ଏ ନେଇ ଖବର ନାହିଁ ବୁଝି ଜଣାଇବି। ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ଏ. ହରଦାଶଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସୂଚନା ନାହିଁ। କେହି ରାସ୍ତା ପାର ପାଇଁ ଅନୁମତି ନେଇ ନାହାନ୍ତି। କେବଳ ପାଣି ପାଇପ ବିଛାଇବା ପାଇଁ ଅନୁମତି ନେଇଛନ୍ତି। ତଦନ୍ତ କରି କ୍ଷୟକ୍ଷତି ଦେଖିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ଫସିଲା ଗାଡ଼ି
■ଯାତାୟାତ ଠପ
■ରାଜସ୍ୱ ହାନି